ODIA DAILY EDITION
13.09.2025
କଟକ, ଶନିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ସେପ୍ଟେମ୍ବର-୧୩, ୨୦୨୫
ବର୍ଷ-୩୭, ସଂଖ୍ୟା-୬୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews




# ଓଏଏସ୍ ଟପ୍ପରଙ୍କୁ ବାନ୍ଧିଲା ଭିଜିଲାନ୍ସ

## ବାମରା ତହସିଲଦାର ଭାବେ କାର୍ଯ୍ୟରତ ଥିଲେ

## ୧୫ ହଜାର ଲାଞ୍ଚ ନେବାବେଳେ ମାଡ଼ି ବସିଲା ଭିଜିଲାନ୍ସ

**ସମ୍ବଲପୁର, ୧୨।୯:** ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ୨୦୧୯ ବ୍ୟାଚ ଓଏଏସ ଟପ୍ପର ତଥା ବାମରା ତହସିଲଦାର ଅଶ୍ୱିନୀ ପଣ୍ଡା ଗିରଫ ହୋଇଛନ୍ତି।

ଏହି ଉତ୍କୋଚ ଟଙ୍କା ଦେଣ ନେଣରେ ପ୍ରମୁଖ ମାଧ୍ୟମ ସାଜି ଆସୁଥିବା ଶ୍ରୀ ପଣ୍ଡାଙ୍କ ଗାଡି ଡ୍ରାଇଭର ପ୍ରବୀଣ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି କହିଛନ୍ତି ସମ୍ବଲପୁର ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ। ତହସିଲଦାର ଶ୍ରୀ ପଣ୍ଡା ଗତ ଜୁଲାଇ ମାସରେ କାର୍ଯ୍ୟରେ ଯୋଗ ଦେବା ପରେ ଭଡ଼ା ଘରଟିଏ ନପାଇ ନିକଟସ୍ଥ ଆଇବିରେ ରହୁଥିଲେ।

ସୂଚନାନୁଯାୟୀ ବାମରା ବ୍ଲକ ସଦର ମହକୁମା ସ୍ଥିତ ଗୋବିନ୍ଦପୁରର ଭିକି ନାଏକ ବ୍ୟକ୍ତିଙ୍କ ଏକ ଜମିର ମ୍ୟୁଟେସନ ଓ ଚାଷରୁ ଘରବାରୀ କିସମ ପରିବର୍ତ୍ତନ ପାଇଁ ବାମରା ତହସିଲ ଅଫିସରେ ଆବେଦନ କରିଥିଲେ। ମାତ୍ର ଏହି କାର୍ଯ୍ୟ ପାଇଁ ତହସିଲଦାର ଅଶ୍ୱିନୀ ପଣ୍ଡା ମୋଟା ଅଙ୍କର ଲାଞ୍ଚ ଦାବି କରିଥିଲେ। ଏପରିକି ଏଥିରେ କିଛି କୋହଳ କରିବା ପାଇଁ ଭିକି ଅନୁରୋଧ କରିଥିଲେ ମଧ୍ୟ ଶ୍ରୀ ପଣ୍ଡା



ରୋକଠୋକ ମନା କରିଦେଇ ଥିଲେ। ଜମିର କିସମ ପରିବର୍ତ୍ତନ ଜରୁରୀ ଓ ତହସିଲଦାରଙ୍କ ଦାବି ମୁତାବକ ଉତ୍କୋଚର ଜରୁରୀ ସମାଧାନ କରିନପାରି ଶେଷରେ ସମ୍ବଲପୁର ଭିଜିଲାନ୍ସ ନିକଟରେ ଗୁହାରି କରିଥିଲେ। ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ତହସିଲଦାର ଶ୍ରୀ ପଣ୍ଡାଙ୍କ ଗାଡି ଡ୍ରାଇଭର ପ୍ରବୀଣ କୁମାର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ

**ଦିନକରେ ୩ ସରକାରୀ ଅଧିକାରୀ ଗିରଫ**

ନିର୍ଦ୍ଦିଷ୍ଟ ସ୍ଥାନରେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ସେହିଠାରେ ହିଁ ଟଙ୍କା ସହ ପ୍ରବୀଣଙ୍କୁ ମାଡି ବସିଥିଲେ। ଜେରା ବେଳେ ଲାଞ୍ଚ ଟଙ୍କା ସମ୍ପର୍କରେ ପ୍ରବୀଣ ସମସ୍ତ ତଥ୍ୟ ଦେବା ପରେ ତହସିଲଦାର ଅଶ୍ୱିନୀ ପଣ୍ଡା ଓ ତାଙ୍କ ଡ୍ରାଇଭର ଥିବା ପ୍ରବୀଣ କୁମାରଙ୍କୁ ଭିଜିଲାନ୍ସ ସମ୍ବଲପୁର ହେଡ କ୍ୱାର୍ଟରକୁ ଉଠାଇ ନେଇଥିବା ଜଣାପଡିଛି। ଘଟଣାର ଯାଞ୍ଚ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଭିଜିଲାନ୍ସ ଜାଲରେ ଶ୍ରୀ ପଣ୍ଡା ପଡିବା ପରେ ତାଙ୍କର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢାଉ କରିଥିଲା। ତାଙ୍କ ପନ୍ୀ ରହୁଥିବା ଫ୍ଲାଟରୁ ନଗଦ ୪ ଲକ୍ଷ ୭୩ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି ବୋଲି ସମ୍ବଲପୁର ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଜମିବାଡ଼ି ସମ୍ପର୍କିତ କାଗଜାତ ସଂଶୋଧନ ଓ ବିକ୍ରିବଟାରେ ବ୍ୟାପକ ଦୁର୍ନୀତି ହେଉଥିବା ଯୋଗୁଁ ଏବେ ଏହି ବିଭାଗକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେଉଛି।

# ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ରାଧାକ୍ରିଷ୍ଣନ





**ନୂଆଦିଲ୍ଲୀ, ୧୨।୯:** ସିପି ରାଧାକୃଷ୍ଣନ୍ ଶୁକ୍ରବାର ଦିନ ଉପରାଷ୍ଟ୍ରପତି ପଦ ପାଇଁ ଶପଥ ଗ୍ରହଣ କରିଛନ୍ତି। ସେ ଦେଶର ୧୫ତମ ଉପରାଷ୍ଟ୍ରପତି ହେଲେ। ଶୁକ୍ରବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିପି ରାଧାକୃଷ୍ଣନଙ୍କୁ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

ଏହି ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରୀୟ ମନ୍ତ୍ରୀ ଜେପି ନଡ୍ଡାଙ୍କ ସହିତ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଓ

**ଶପଥ ପାଠ କରାଇଲେ ରାଷ୍ଟ୍ରପତି**

**ଯୋଗଦେଲେ ପ୍ରଧାନମନ୍ତ୍ରୀ**

ଏନ୍‌ଡିଏର ମେଂଟ ଦଳର ନେତାମାନେ ମଧ୍ୟ ଏହି ଅନୁଷ୍ଠାନରେ ଉପସ୍ଥିତ ଥିଲେ। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ସିପି ରାଧାକୃଷ୍ଣନ ମଙ୍ଗଳବାର ହୋଇଥିବା ଉପରାଷ୍ଟ୍ରପତି ନିର୍ବାଚନରେ ଇଣ୍ଡି ମେଂଟର ବିରୋଧୀ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କୁ ପରାସ୍ତ କରି ବିଜୟ ହାସଲ କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ରୂପେ ଥିବା ସିପି ରାଧାକୃଷ୍ଣନଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଛନ୍ତି। ଶ୍ରୀ ମୋଦୀ ଜନସାଧାରଣଙ୍କ ସେବା ପ୍ରତି ସମର୍ପିତ ଏକ ସଫଳ ଉପରାଷ୍ଟ୍ରପତି କାର୍ଯ୍ୟକାଳ ପାଇଁ ଶ୍ରୀ ରାଧାକୃଷ୍ଣନଙ୍କୁ ଶୁଭକାମନା ଜଣାଇଛନ୍ତି।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୨।୯:** ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଓମଫେଡ୍ ର ଏମଡି ଥିବା ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ଆୟୁଷ ବିଭାଗର ନିର୍ଦ୍ଦେଶକ ଥିବା ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଯୋଗାଣ ବିଭାଗର ଅତିରିକ୍ତ ସଚିବ ଅଞ୍ଜନା ପଣ୍ଡାଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀଙ୍କୁ ଆଇଜିଆର କଟକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ସୁଶୀଲାଙ୍କ ହାତରେ ନେପାଳ ଶାସନ

**କାଠମାଣ୍ଡୁ, ୧୨।୯:** ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ସୁଶୀଳା କାର୍କୀ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ଭବନରେ

**ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ**

**ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ**

ଶୁକ୍ରବାର ରାତି ୮:୪୫ରେ ତାଙ୍କର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ନେପାଳରେ ଭୟାନକ ବିକ୍ଷୋଭ ପ୍ରଦର୍ଶନ ପରେ ଶାସନ ପରିବର୍ତ୍ତନ ହୋଇଥିଲା। ଏହାର ୩ ଦିନ ପରେ ସେନା, ରାଷ୍ଟ୍ରପତି ଏବଂ ଜେନ୍-ଜେଡ୍ ନେତାମାନଙ୍କର ବୈଠକରେ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୁଶୀଳା କାର୍କୀଙ୍କ ସହ କୁଲମାନ୍ ଘୀସିଂ, ଓମ୍ ପ୍ରକାଶ



ଅର୍ଯ୍ୟାଲ, ବାଲାନନ୍ଦ ଶର୍ମା ମନ୍ତ୍ରୀ ପଦର ଶପଥ ନେଇପାରନ୍ତି।

ସୁଶୀଳା କାର୍କୀ ନେପାଳର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଥିଲେ। ସେ ଭାରତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍ୟୁ)ରୁ ରାଜନୀତି ବିଜ୍ଞାନରେ ସ୍ନାତୋକତ୍ତର କରିଥିଲେ। ଅନ୍ୟପକ୍ଷେ, ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ସଂସଦ ଭଙ୍ଗ କରିଛନ୍ତି। ଜେନ୍-ଜେଡ୍ ନେତାମାନେ ସଂସଦ ଭାଙ୍ଗିବା ପାଇଁ ଦାବି କରିଥିଲେ।

ନେପାଳରେ ସୋସିଆଲ ମିଡିଆ ଉପରେ ନିଷେଧାଦେଶ ଏବଂ ଭ୍ରଷ୍ଟାଚାର ବିରୋଧରେ ଚାଲିଥିବା ଆନ୍ଦୋଳନ ସମୟରେ ଭାରତୀୟ ସାମ୍ବାଦିକଙ୍କ ସହିତ ମାରପିଟ ଓ ଦୁର୍ବ୍ୟବହାରର ଅନେକ ଘଟଣା ସାମ୍ନାକୁ ଆସିଛି।

# ବଦଳିଲା କଟକ ବାଲିଯାତ୍ରାର ନାଁ

## ନୂଆ ନାମ 'ଐତିହାସିକ ବାଲିଯାତ୍ରା କଟକ ୨୦୨୫

- ଏଥର କେବଳ ତଳ ପଡ଼ିଆରେ ବାଲିଯାତ୍ରା
- ୮ ଧରି ଚାଲିବ

**କଟକ, ୧୨।୯:** ବଦଳିଲା ବାଲିଯାତ୍ରା ନାଁ। ନଭେମ୍ବର ୫ରୁ ଆରମ୍ଭ ହେବାକୁ ଥିବା ବାଲିଯାତ୍ରାରେ ଚଳିତ ଥର ଏକ ବଡ଼ ପରିବର୍ତ୍ତନ କରାଯାଇଛି। ଏଥର ବାଲିଯାତ୍ରା ନାମ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ମେଳାର ନୂଆ ନାମ ହେଲା 'ଐତିହାସିକ ବାଲିଯାତ୍ରା କଟକ



୨୦୨୫'। ଆଗରୁ କେବଳ ଐତିହାସିକ ବାଲିଯାତ୍ରା ଲେଖାଯାଉଥିଲା।

ସୂଚନା ମୁତାବକ, ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଚଳିତ ବର୍ଷର ବାଲିଯାତ୍ରା। ଟ୍ରାଫିକ ଜାମ୍ ପାଇଁ ଉପର ବାଲିଯାତ୍ରା ପଡ଼ିଆରେ ଏଥର ବାଲିଯାତ୍ରା ହେବନାହିଁ। କେବଳ ତଳ ବାଲିଯାତ୍ରା ପଡ଼ିଆରେ ହେବ ବାଲିଯାତ୍ରା। ୩୪ଏକର ପରିବର୍ତ୍ତେ ଏଥର କେବଳ ୬୦ଏକର ଜାଗାରେ ବାଲିଯାତ୍ରା ହେବ ବୋଲି ଜଣାଯାଇଛି। ବାଲିଯାତ୍ରା ସମ୍ବନ୍ଧୀୟ ସବୁ ତଥ୍ୟ ଏବେ ବାଲିଯାତ୍ରା ପୋର୍ଟାଲରେ ରହିବ। ବିଶେଷ କରି ଟ୍ରାଫିକ, ପାର୍କିଂ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏଥିରେ ରହିବ। ଜିଲ୍ଲା ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ ଦଳ ଚୟନ କରାଯିବ। ସୋସାଇଟି ରେଜିସ୍ଟ୍ରେସନ ଆକ୍ଟରେ ଯିଏ ପଞ୍ଜୀକୃତ ଥିବେ ସେମାନେ ଆବେଦନ କରିପାରିବେ। ପ୍ରତି ଟିମ୍‌କୁ ପ୍ରଦର୍ଶନ ପାଇଁ ୨୦ ମିନିଟ୍ ସମୟ ଦିଆଯିବ।

| | |
|---|---|
| ସେନ୍‌ସେକ୍ସ | ୮୧,୦୯୪ |
| ନିଫ୍ଟି | ୨୫,୧୧୪ |
| ସୁନା/୧୦ଗ୍ରା | ୧,୧୨,୮୦ |
| ରୂପା/କିଗ୍ରା | ୧,୨୭,୦୦୦ |
| ଡଲାର | ୮୮.୨୮ |

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୧.୪° |
| କଟକ: | ୩୨.୩° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୫.୫° |
| କଟକ: | ୨୫.୨° |

# ବଜ୍ରପାତରେ ୩ ମହିଳା କପା ଚାଷୀ ମୃତ

**ରାୟଗଡ଼ା, ୧୨।୯:** କପା ଚାଷ ପାଇଁ କାମକରୁଥିବା ସମୟରେ ବଜ୍ରାଘାତ ହୋଇଛି। ଏଥିରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁସାରେ ବିଷ୍ଣୁଗୁଡା ଗ୍ରାମର ସମ୍ବାରୀ ପିଡ଼ିକା (୪୫)ଙ୍କ ସମେତ ଅନ୍ୟମାନେ କପା ଚାଷ ପାଇଁ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆହତ ୪ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

# ବିଜେଡିରୁ ପ୍ରଫୁଲ୍ଲ ମଲ୍ଲିକ ନିଲମ୍ବିତ

**ଭୁବନେଶ୍ୱର, ୧୨।୯:** ବିଜୁ ଜନତା ଦଳ (ବିଜେଡି) ତାର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡିତ ଥିବା ଅଭିଯୋଗରେ ନିଲମ୍ବନ କରିଛି। ଯେତେବେଳେ ମଲ୍ଲିକ ଅପ୍ରତ୍ୟକ୍ଷ ଭାବେ ଦଳର ଅଧ୍ୟକ୍ଷ ଓ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚେତାବନୀ ଦେଇଥିଲେ ଯେ, ଯଦି ଦଳ 'ଠିକ୍ ଭାବରେ କାମ ନକରେ', ତେବେ ସେ ଇସ୍ତଫା ଦେଇପାରନ୍ତି କହିବା ପରେ ଗ୍ରହଣ କରାଯାଇଛି। ବିଜେଡି ପକ୍ଷରୁ ଜାରି ହୋଇଥିବା ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, 'ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବ ନିର୍ବାଚିତ ବିଧାୟକ, କାମାଖ୍ୟାନଗର, ଜିଲ୍ଲା ଢେଙ୍କାନାଳଙ୍କୁ ବିଜୁ ଜନତା

**ମୁଁ ଇସ୍ତଫା ଦେବା ପରେ ନିଲମ୍ବନ କରାଯାଇଛି : ପ୍ରଫୁଲ୍ଲ**



ଦଳରୁ ଦଳ ବିରୋଧୀ କାର୍ଯ୍ୟକଳାପ ନେଇ ତୁରନ୍ତ ପ୍ରଭାବରେ ନିଲମ୍ବନ କରାଯାଉଛି।' ନବୀନ ପଟ୍ଟନାୟକ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିବା ସମୟରେ ମଲ୍ଲିକ ସମ୍ପ୍ରତି ଦଳର କାର୍ଯ୍ୟପ୍ରଣାଳୀ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭାବେ ଭୂମିକା ନିଭାଇବାରେ ବିଫଳ ହୋଇଛି ଓ ତାଙ୍କର ଦଳୀୟ ମୂଲ୍ୟବୋଧ ଠାରୁ ଭ୍ରଷ୍ଟ ହୋଇଯାଇଛି।

# ଏନକାଉଣ୍ଟରରେ ୨ ନକ୍ସଲ ନିହତ

**ବିଜାପୁର, ୧୨।୯:** ବସ୍ତର ଆଇ.ଜି. ସୁନ୍ଦରରାଜି ସୂଚନା ଦେଇ କହିଛନ୍ତି ଯେ ନକ୍ସଲଙ୍କ ଉପସ୍ଥିତି ବିଷୟରେ ସୂଚନା ମିଳିବା ପରେ ଛତିଶଗଡ଼ର ବିଜାପୁର ଜିଲ୍ଲାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଘଟିଥିବା ଗୁଳିକାଣ୍ଡରେ ଦୁଇ ଜଣ ନକ୍ସଲ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଦୁଇ ଜଣ ବର୍ଦ୍ଧିଧାରୀ ନକ୍ସଲଙ୍କ ମୃତଦେହ ସହ ଏକ ୩୦୩ ରାଇଫଲ୍, ବିସ୍ଫୋଟକ ସାମଗ୍ରୀ ଓ ଅନ୍ୟାନ୍ୟ ଦୈନିକ ଉପଯୋଗର ବସ୍ତୁ ଉଦ୍ଧାର କରାଯାଇଛି।

# ଅର୍ଚ୍ଚନାଙ୍କ ଘର ସିଲ୍ କଲା ଇଡି




**ଭୁବନେଶ୍ୱର, ୧୨।୯:** ସିଲ୍ ହେଲା ଅର୍ଚ୍ଚନା ନାଗଙ୍କ ଘର। ଶୁକ୍ରବାର ଅପରାହ୍ନରେ ଇଡି ଅର୍ଚ୍ଚନାଙ୍କ ସତ୍ୟବିହାର ସ୍ଥିତ ଘରକୁ ସିଲ୍ କରିଛି। ୨୦୨୨ର ଅର୍ଥ କାରବାର ମାମଲାକୁ ନେଇ ଘର ସିଲ୍ କରାଯାଇଥିବାବେଳେ। ପୂର୍ବରୁ ଘର ଛାଡ଼ିବା ପାଇଁ ଅର୍ଚ୍ଚନାଙ୍କୁ ଇଡି ପକ୍ଷରୁ ନୋଟିସ ହୋଇଥିଲା। ତେବେ ସିଲ୍ ସମୟରେ ଅର୍ଚ୍ଚନା ପରିବାର ଲୋକେ ଏହାକୁ ବିରୋଧ କରିଥିବାରୁ ଦେଖିବାକୁ ମିଳିଛି। ଏମିତିରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ନିୟୋଜିତ ଅଛନ୍ତି।

ସୂଚନାଥାଉକି, ୨୦୨୨ରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ସେହିଭଳି ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଯାହା ପରେ ପୋଲିସର ତଦନ୍ତକ୍ରମେ ଅକ୍ଟୋବର ୬ରେ ଅର୍ଚ୍ଚନାଙ୍କୁ ଗିରଫ କରିଥିଲା

*୨୦୨୨ର ଅର୍ଥ କାରବାର ମାମଲାକୁ ନେଇ ଘର ସିଲ୍ କରାଯାଇଥିବା ବେଳେ ପୂର୍ବରୁ ଘର ଛାଡ଼ିବା ପାଇଁ ଅର୍ଚ୍ଚନାଙ୍କୁ ଇଡି ପକ୍ଷରୁ ନୋଟିସ ହୋଇଥିଲା।*

ପୋଲିସ।

ଏଘଟଣାରେ ସେତେବେଳେ ରାଜନୀତି ମଧ୍ୟ ଜୋର୍ ଧରିଥିଲା। ତେବେ ତଦନ୍ତରୁ ଅର୍ଚ୍ଚନାଙ୍କ ବେଆଇନ କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଙ୍ଗ ମଧ୍ୟ ସାମ୍ନାକୁ ଆସିଥିଲା। ଯାହାପରେ ଇଡି ଘଟଣାର ତଦନ୍ତ କରି ମନିଲଣ୍ଡରିଂ ମାମଲାରେ ଅର୍ଚ୍ଚନାଙ୍କୁ ସେହି ବର୍ଷ ଡିସେମ୍ବର ୧୩ରେ ଗିରଫ କରିଥିଲା। ତେବେ ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ।

## ହାଲ୍‌ଚାଲ୍



ଅକ୍ଟୋବରରେ ଓଡ଼ିଶାକୁ ବାତ୍ୟା ବିପଦ ଘାରିଲା
ପାଗ ରହିଛି ଅନୁକୂଳ
ଲୋକଙ୍କ ଚିନ୍ତା ବଢ଼ିଲା
ମୌସୁମୀ ଏବେ ଫେରିଯିବ
ବରଷା ଜୋରରେ ହୋଇଲା।

# ଅକ୍ଟୋବରରେ ପୁଣି ଓଡ଼ିଶାକୁ ବାତ୍ୟା ଭୟ !

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୯:** ସରିଯାଇଥିବ ଦୁର୍ଗା ପୂଜା। ଲକ୍ଷ୍ମୀ ପୂଜା ଓ ଦୀପାବଳିକୁ ନେଇ କିନ୍ତୁ ଏବେଠୁ ବଢ଼ିଲାଣି ଚିନ୍ତା। କାରଣ, ଅକ୍ଟୋବର ଆଣିପାରେ ବଡ଼ ବାତ୍ୟା। ଲା-ନିନାର ସକ୍ରିୟତା ଏମିତି ଡରାଇଲାଣି। ଓଡ଼ିଶାର ବାତ୍ୟା ଇତିହାସ ପୃଷ୍ଠାକୁ ଓଲଟାଇ ପାଣିପାଗ ବିଜ୍ଞାନୀ କହୁଛନ୍ତି, ଯେତେବେଳେ ଲା-ନିନା ସକ୍ରିୟ ହୋଇଛି, ଓଡ଼ିଶା ବାତ୍ୟାକୁ ସାମ୍ନା କରିଛି।

ଫେରିଯିବାକୁ ବସିଛି ମୌସୁମୀ। ଏହା ଯେତିକି ଆଶ୍ୱସ୍ତ କରୁନି, ତା' ଠୁ ଅଧିକ ଡରାଇଲାଣି। ଏଇଥିପାଇଁ ଯେ ଏଥର ଅକ୍ଟୋବରରୁ ଡିସେମ୍ବର

- **୩ ମାସ ସକ୍ରିୟ ରହିବ ଲା-ନିନା**
- **ବାତ୍ୟା ପାଇଁ ପାଗ ଅନୁକୂଳ, ବଢ଼ିଲା ଚିନ୍ତା**
- **ଦୁର୍ଗାପୂଜା ପରେ ଆସିପାରେ ବଡ଼ ଧରଣର ବାତ୍ୟା**

ଯାଏଁ ପ୍ରଶାନ୍ତ ମହାସାଗର ଜଳବାୟୁରେ ସକ୍ରିୟ ରହିବ ଲା-ନିନା। ପଶ୍ଚିମ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ




ଅଧିକ ରହୁଥିବାରୁ ପାଣିପାଗ ଜନିତ ଅସ୍ଥିରତା ବଢ଼ିବ। ପାଣିପାଗ ବିଜ୍ଞାନୀଙ୍କର ଏଭଳି ଆକଳନ ପରେ ବଙ୍ଗୋସାଗରରେ ବାତ୍ୟା ଭୟ ବଢ଼ିଛି। ଦିନେ କି ମାସେ ନୁହେଁ, ଆସନ୍ତା ତିନିମାସ ଓଡ଼ିଶା ପାଇଁ ସମୁଦ୍ର ଆଡୁ ଆସିପାରେ ଭୀଷଣ ବିପଦ। ଉପକୂଳର ଯେ କୌଣସି ସ୍ଥାନକୁ ଛୁଇଁପାରେ ବାତ୍ୟା। ପାଣିପାଗ ବିଜ୍ଞାନୀ ପାଦେ ଆଗକୁ ଯାଇ କହିଲେଣି, ବଙ୍ଗୋପସାଗରରେ ମୌସୁମୀ ପରବର୍ତ୍ତୀ ସମୟରେ ଆଣ୍ଡାମାନ ସାଗର ଏବଂ ପାଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ୩୧ ଡିଗ୍ରି କିମ୍ବା ଅଧିକ ରୁହେ। ପରିଣାମରେ ଏସବୁ ଅଞ୍ଚଳ ବାତ୍ୟା ସୃଷ୍ଟି ପାଇଁ ଅଧିକ ସମ୍ବେଦନଶୀଳ ହୋଇପଡ଼ନ୍ତି।

ଏହି ତିନିମାସରେ ପ୍ରଶାନ୍ତ ମହାସାଗର କିମ୍ବା ଚାଇନା ସାଗରରେ ସୃଷ୍ଟି ବାତ୍ୟା କିମ୍ବା ଲଘୁଚାପର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ପ୍ରବେଶ କଲେ ବାତ୍ୟା ସୃଷ୍ଟି ପାଇଁ ସୁଯୋଗ ବଢ଼ିଯାଏ। ଏଥର ଏଭଳି ପରିସ୍ଥିତି ବାରମ୍ବାର ସୃଷ୍ଟି ହୋଇପାରେ। ଓଡ଼ିଶା ବାତ୍ୟା ଇତିହାସ ବି ପାଣିପାଗ ବିଜ୍ଞାନୀଙ୍କ ଏଭଳି ଆଶଙ୍କାକୁ ବଳ ଦେଉଛି। ଲା-ନିନା କେବଳ ଓଡ଼ିଶାକୁ ନୁହେଁ, ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ଉପକୂଳ ପାଇଁ ବି ବିପଦ ଆଣିପାରେ।

# ହାଲୋ ବଲିଉଡ୍



## ରିଲିଜ ପୂର୍ବରୁ ବିବାଦରେ 'ଜଲି ଏଲ୍ଏଲବି ୩'

ରିଲିଜର ସପ୍ତାହେ ପୂର୍ବରୁ ଆଇନ ଜାଲରେ ଛନ୍ଦି ହେଲା ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଫିଲ୍ମ 'ଜଲି ଏଲଏଲବି ୩' । ଫିଲ୍ମ ଉପରେ ରୋକ ଲଗାଇବା ନେଇ ଦାବି । ଗୁଜୁରାଟ ହାଇକୋର୍ଟରେ ଆବେଦନ ଦାଖଲ କରାଯାଇଛି । ତେବେ ନିକଟରେ ଅକ୍ଷୟ କୁମାରଙ୍କ ଫିଲ୍ମ 'ଜଲି ଏଲଏଲବି ୩' ର ଟ୍ରେଲର ରିଲିଜ୍ ହୋଇଥିଲା । ଯାହା ପରେ ଏହି ବିବାଦ ଉପୁଜିଛି । ଏଥିରେ ପ୍ରଦର୍ଶିତ ସିନ୍ ଏବଂ ସଂଳାପକୁ ନେଇ ଅନେକ ଲୋକ କ୍ଷୋଭ ପ୍ରକାଶ କରିଛନ୍ତି । ମୁମ୍ବାଇ ଏବଂ ଆହ୍ଲାବାଦ ହାଇକୋର୍ଟରେ ମଧ୍ୟ ଫିଲ୍ମ ବିରୋଧରେ ପିଟିସନ୍ ଦାୟର କରାଯାଇଥିଲା । ସୂଚନା ଅନୁସାରେ, ଫିଲ୍ମର ଟ୍ରେଲରରେ ଜଣେ ବିଚାରପତିଙ୍କ ଚରିତ୍ରକୁ ଅନୁପଯୁକ୍ତ ଭାବରେ ଚିତ୍ରଣ କରାଯାଇଥିବା ଅଭିଯୋଗରେ ଗୁଜୁରାଟ ହାଇକୋର୍ଟରେ ଏକ ରିଟ୍ ପିଟିସନ୍ ଦାଖଲ କରାଯାଇଛି । ଯାହା ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା । ଆବେଦନକାରୀ ଟ୍ରେଲର ଏବଂ ଫିଲ୍ମ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି । ଏଥିସହ ଆବେଦନରେ ଫିଲ୍ମକୁ ଦିଆଯାଇଥିବା ପ୍ରମାଣପତ୍ରକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଛି । ତେବେ ସେନ୍ସର ବୋର୍ଡ ମଙ୍ଗଳବାର ସୁଦ୍ଧା ଏହି ମାମଲାରେ ଆବେଦନକାରୀଙ୍କୁ ଉତ୍ତର ଦେବ । ଆବେଦନକାରୀ କହିଛନ୍ତି ଯେ, ଫିଲ୍ମରେ କୋର୍ଟ କାର୍ଯ୍ୟକୁ ହାସ୍ୟାସ୍ପଦ ଭାବରେ ଉପସ୍ଥାପନ କରି କୋର୍ଟର ମର୍ଯ୍ୟାଦାକୁ ଆଘାତ ଦେବାକୁ ଚେଷ୍ଟା କରାଯାଇଛି ।

### ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସ

## ପଟନା, ମେଘାଳୟ ଓ ମଣିପୁର ହାଇକୋର୍ଟ ପାଇଁ ନିଯୋଜିତ ହେବେ ନୂଆ ମୁଖ୍ୟ ବିଚାରପତି

**ନୂଆଦିଲ୍ଲୀ:** ସୁପ୍ରୀମ କୋର୍ଟ କଲେଜିୟମ ପଟନା, ମେଘାଳୟ ଓ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ତିନି ଜଣ ବିଚାରପତିଙ୍କ ନାମ ସୁପାରିଶ କରିଛି । ମୁଖ୍ୟ ବିଚାରପତି ବି. ଆର. ଗଭାଇଙ୍କ ନେତୃତ୍ୱରେ ଗଠିତ କଲେଜିୟମ, ଯେଉଁଥିରେ ବିଚାରପତି ସୂର୍ଯ୍ୟ କାନ୍ତ ଓ ବିକ୍ରମ ନାଥ ଅଛନ୍ତି, ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି ।

ପଟନା ହାଇକୋର୍ଟ ପାଇଁ ଜଷ୍ଟିସ ପି. ବି. ବଜନ୍ତ୍ରୀଙ୍କୁ ସୁପାରିଶ କରାଯାଇଛି । ସେ ବର୍ତ୍ତମାନ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି ଏବଂ ପଟନା ହାଇକୋର୍ଟର ଅସ୍ଥାୟୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କର ଅଭିଜ୍ଞତା ଓ ଦକ୍ଷତା ତାଙ୍କୁ ଏହି ପଦ ପାଇଁ ଯୋଗ୍ୟ କରିଛି ।

ମେଘାଳୟ ହାଇକୋର୍ଟ ପାଇଁ ଜଷ୍ଟିସ ସୌମେନ ସେନଙ୍କୁ ପ୍ରସ୍ତାବ କରାଯାଇଛି ।



ସେ କଲିକତା ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଏବଂ ୨୦୧୧ ମସିହାରୁ ସେଠାରେ କାର୍ଯ୍ୟ କରୁଛନ୍ତି । ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ଖାଲି ହେବା ପରେ ତାଙ୍କୁ ଏହି ଦାୟିତ୍ୱ ପାଇଁ ବାଛିଛି କଲେଜିୟମ ।

ସେହିଭଳି ମଣିପୁର ହାଇକୋର୍ଟ ପାଇଁ ଜଷ୍ଟିସ ଏମ. ସୁନ୍ଦରଙ୍କ ନାମ ସୁପାରିଶ କରାଯାଇଛି । ସେ ମଦ୍ରାସ ହାଇକୋର୍ଟର ବରିଷ୍ଠ ବିଚାରପତି ଏବଂ ୨୦୧୬ ମସିହାରୁ ସେଠାରେ କାର୍ଯ୍ୟ କରୁଛନ୍ତି । ଆସନ୍ତା ସେପ୍ଟେମ୍ବର ୧୪ ତାରିଖରେ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ଖାଲି ହେବାକୁ ଥିବାରୁ ତାଙ୍କୁ ଏହି ପଦ ପାଇଁ ପ୍ରସ୍ତାବ କରାଯାଇଛି ।

କଲେଜିୟମ ଏହି ସୁପାରିଶ ବିଚାରପତିମାନଙ୍କର ଯୋଗ୍ୟତା, ସଚ୍ଚୋଟତା ଓ ବରିଷ୍ଠତାକୁ ବିଚାର କରି ନିଆଯାଇଛି । ଏହି ପ୍ରସ୍ତାବଗୁଡ଼ିକ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ପଠାଯାଇଛି । ଅନୁମୋଦନ ପରେ ନିଯୁକ୍ତି ଚୂଡ଼ାନ୍ତ ହେବ । ଏହି ନିଯୁକ୍ତି ପଟନା, ମେଘାଳୟ ଓ ମଣିପୁର ହାଇକୋର୍ଟରେ ନେତୃତ୍ୱ ପରିବର୍ତ୍ତନ ଆଣିବ ଏବଂ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

## ପିତୃପକ୍ଷରେ ଶ୍ରାଦ୍ଧ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ପୁରୀ:** ପିତୃପକ୍ଷ ବା ଅପରପକ୍ଷ ପାଇଁ ଶ୍ରୀମନ୍ଦିର ଉତରଦ୍ୱାର ପରିକ୍ରମା ମାର୍ଗର ପାଚେରୀର ପାଖରେ ବସିଛନ୍ତି ଶହ ଶହ ବ୍ରାହ୍ମଣ । ଛତା ତଳେ ଶ୍ରଦ୍ଧାଳୁଙ୍କ ଶ୍ରାଦ୍ଧ ଓ ପିଣ୍ଡଦାନ କରୁଛନ୍ତି ବ୍ରାହ୍ମଣ ମାନେ । ମନ୍ତ୍ର ଉଚ୍ଚାରଣରେ କମ୍ପୁଛି ଶ୍ରାଦ୍ଧସ୍ଥଳ । ଶ୍ରଦ୍ଧାଳୁ ମାନଙ୍କ ପିତାମାତାଙ୍କ ତିଥି ଥିବା ଦିନରେ ଶ୍ରାଦ୍ଧ ଓ ପିଣ୍ଡଦାନ କରୁଛନ୍ତି । ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ଶ୍ରାଦ୍ଧ ଚାଲୁ ରହିବ । ଯେଉଁମାନେ ତିଥି ଅନୁସାରେ ପିଣ୍ଡଦାନ କରିପାରିବେ ନାହିଁ । ସେମାନେ ମହାଳୟା ଦିନ ଶ୍ରାଦ୍ଧ ଓ ପିଣ୍ଡଦାନ କରିପାରିବେ । ପିତୃପକ୍ଷରେ ପିଣ୍ଡଦାନ କଲେ ପିତୃପୁରୁଷ ସନ୍ତୋଷ ଲାଭ କରି ଘରେ ସୁଖ ସମୃଦ୍ଧି ହେବା ବିଶ୍ୱାସ ରହିଛି । ପିତୃଶ୍ରାଦ୍ଧ, ମାତୃଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ଓ ପୟା ଶ୍ରାଦ୍ଧ ରହିଛି । ମହାଳୟା ଶ୍ରାଦ୍ଧ ପାଇଁ ଶ୍ରଦ୍ଧାଳୁ ମାନେ ପୁରୀ ଆସି ଶ୍ରୀକ୍ଷେତ୍ରରେ ବ୍ରାହ୍ମଣଙ୍କ ହସ୍ତରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ନେଇ ଭିଡ ଦେଖିବାକୁ ମିଳିଛି । ଉତରଦ୍ୱାର ସମ୍ମୁଖରେ ଶ୍ରାଦ୍ଧ ସାମଗ୍ରୀ ମିଳୁଥିବାରୁ ଶ୍ରଦ୍ଧାଳୁ ମାନେ ସେଠାରୁ ଶ୍ରାଦ୍ଧର ସମସ୍ତ ସାମଗ୍ରୀ କିଣି କଦଳୀପତ୍ର ସହ ବ୍ରାହ୍ମଣଙ୍କ ନିକଟରେ ବସି ଶ୍ରାଦ୍ଧ ଓ ପିଣ୍ଡଦାନ କରୁଥିବା ଦେଖିବାକୁ ମିଳିଛି । ପିତୃପକ୍ଷରେ ପିତୃଲୋକ ମାନେ ମର୍ତ୍ତ୍ୟ ମଣ୍ଡଳକୁ ଆସି ଆତ୍ମୀୟସ୍ୱଜନଙ୍କ ନିକଟରୁ ପାଣି, ପିଣ୍ଡ ଓ ଶ୍ରାଦ୍ଧ ଗ୍ରହଣ କରୁଥିବା ବିଶ୍ୱାସ ରହିଛି । ଆଧ୍ୟାତ୍ମିକ ପରିବେଶ ବାତାବରଣ ସହ ଶ୍ରାଦ୍ଧ ପରେ ଶ୍ରଦ୍ଧାଳୁ ମାନେ ବ୍ରାହ୍ମଣଙ୍କୁ ମୁଣ୍ଡିଆ ମାରି ଦକ୍ଷିଣା ଦେବା ସହ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଶ୍ରାଦ୍ଧ ଶେଷ ହେବା ପରେ ଶ୍ରଦ୍ଧାଳୁ ମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ମହାପ୍ରସାଦ ସେବନ କରୁଛନ୍ତି ।

## ଦିଲ୍ଲୀ ପରେ ବମ୍ବେ ହାଇକୋର୍ଟକୁ ବୋମା ଧମକ

ମୁମ୍ବାଇ : ଦିଲ୍ଲୀ ପରେ ଶୁକ୍ରବାର ବମ୍ବେ ହାଇକୋର୍ଟକୁ ବୋମା ଧମକ ମିଳିଛି । ସକାଳେ ଦିଲ୍ଲୀ ପୁଲିସକୁ ଧମକ ମିଳିବା ପରେ ପରେ ପୁଲିସ ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପରିସର ଖାଲି କରିବା ଆରମ୍ଭ କରିବା ସହ ତଦନ୍ତ ଓ ଯାଞ୍ଚ ଆରମ୍ଭ କରିଥିଲା । ବିଚାରପତି, ଓକିଲଙ୍କ ସମେତ ସମସ୍ତ ଲୋକଙ୍କୁ ପରିସରରୁ ଖାଲି କରାଯାଇଥିଲା । ପୂର୍ବରୁ ମଧ୍ୟ ଏଭଳି ଅନେକ ମିଥ୍ୟା ବୋମା ଧମକ ମିଳିଛି । ଦିଲ୍ଲୀର ଏକାଧିକ ସ୍କୁଲ ଏବଂ ସପିଂ ମଲକୁ ମଧ୍ୟ ବୋମା ବିସ୍ଫୋରଣ ଧମକ ମିଳିଛି । କିନ୍ତୁ ଯାଞ୍ଚ ପରେ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ ।

### ସିକିମରେ ଭୂସ୍ଖଳନ ରଚିଲା ତାଣ୍ଡବ

## ୪ ମୃତ, ସାମ୍ନାକୁ ଆସିଲା ଭୟଙ୍କର ଭିଡିଓ

**ନୂଆଦିଲ୍ଲୀ:** ପାହାଡ଼ ଉପରେ ଆକାଶରୁ ମୃତ୍ୟୁ ଖସିଛି । ପାହାଡ଼ୀ ରାଜ୍ୟରେ ବାଦଲ ଫାଟିବା ଏବଂ ଭୂସ୍ଖଳନ ଘଟଣା ଲଗାତାର ଭାବରେ ଦେଖିବାକୁ ମିଳୁଛି । ଜମ୍ମୁକାଶ୍ମୀର, ଉତ୍ତରାଖଣ୍ଡ ପରେ ସିକିମରେ ପ୍ରକୃତି କୋପ

- ୩ ଜଣ ନିଖୋଜ
- ଉଦ୍ଧାର କାର୍ଯ୍ୟ ଜାରି

ଦେଖିବାକୁ ମିଳିଛି । ପଶ୍ଚିମ ସିକିମର ୟାଙ୍ଗଥାଙ୍ଗ ଅପର ରିମ୍ବୀରେ ମଧ୍ୟରାତ୍ରିରେ ଭୟଙ୍କର ଭୂସ୍ଖଳନ ହୋଇଛି । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ୩ ଜଣ ନିଖୋଜ ଅଛନ୍ତି । ଭୂସ୍ଖଳନ ସମୟରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ, ସ୍ଥାନୀୟ ଗ୍ରାମବାସୀ ଏବଂ ଏସ୍ଏସବି କର୍ମଚାରୀମାନେ ମିଶି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି ଯେଉଁଥିରେ ଦେଖିବାକୁ



ମିଳିଛି କି ପୋଲିସ ଜଣଙ୍କୁ ପାଣିରୁ ଉଦ୍ଧାର କରିବାକୁ ଚେଷ୍ଟା କରୁଛନ୍ତି ।

କାଠ ସାହାଯ୍ୟରେ ବନ୍ୟାଗ୍ରସ୍ତ ହ୍ୟୁମ୍ ନଦୀ ଉପରେ ଏକ ଅସ୍ଥାୟୀ ସେତୁ ନିର୍ମାଣ କରାଯାଇଛି । ପ୍ରଭାବିତ ଅଞ୍ଚଳରୁ ଲୋକମାନଙ୍କୁ ସେହି ଅସ୍ଥାୟୀ ସେତୁ ଜରିଆରେ ସ୍ଥାନାନ୍ତର କରିବାକୁ ଚେଷ୍ଟା କରାଯାଉଛି । ସେମାନେ ଦୁଇ ଜଣ ମହିଳାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ଅନ୍ୟ ନିଖୋଜ ୩ ଜଣଙ୍କର କୌଣସି ଖୋଜଖବର ମିଳୁନାହିଁ । ମୃତ ୪ ଜଣଙ୍କ ମଧ୍ୟରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି ।

ଏସପି ଶେରିଂ ଶୋରପା ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ''ଭୂସ୍ଖଳନ ଯୋଗୁଁ ୪ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରୁ ୩ ଜଣ ଘଟଣାସ୍ଥଳରେ ଆଖି ବୁଜିଛନ୍ତି । ନଦୀରୁ ଉଦ୍ଧାର ୨ ମହିଳାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଚିକିତ୍ସା ସମୟରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି । ଅନ୍ୟ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି ।''

ହ୍ୟୁମ୍ ନଦୀରେ ଜଳ ପ୍ରବାହ ଯୋଗୁଁ ଘରେ ପଶିଲା ପାଣି- ଏହା ସହିତ, ଏସପି କହିଛନ୍ତି ଯେ, ପ୍ରବଳ ବର୍ଷା ଯୋଗୁଁ ବାଦଲ ଫାଟି ବଡ଼ ଭୂସ୍ଖଳନ ହୋଇଛି । ହ୍ୟୁମ୍ ନଦୀରେ ବନ୍ୟା ପାଣି ମାଡିଆସି ଘରେ ଘରେ ପାଣି ପଶିଛି । ସିକିମରେ ଦୁଇ ଦିନ ଧରି ପ୍ରବଳ ବର୍ଷା ହେଉଛି । ଆଗକୁ ଅଧିକ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି ହୋଇଛି ।

## ଭାରତ-ଚୀନ ଉପରେ ୧୦୦% ଶୁଳ୍କ ଲାଗୁ କର: ଟ୍ରମ୍ପ

**ନୂଆଦିଲ୍ଲୀ:** ଘଡ଼ି ଘଡ଼ିକେ ନିଜର ରଙ୍ଗ ବଦଳାଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ବୁଧବାର ଭାରତକୁ ବନ୍ଧୁ ବୋଲି କହି ଲଗାଯାଇଥିବା ଶୁଳ୍କ ଉପରେ ଆଲୋଚନା ନେଇ ପ୍ରସ୍ତାବ ଦେବା ପରେ ଏବେ ପୁଣି

### ଜି୭ ଦେଶକୁ କହିଲା ଆମେରିକା

ୟୁଟର୍ଣ୍ଣ ନେଇଛନ୍ତି ଟ୍ରମ୍ପ । ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ରୁଷ୍‌ରୁ ତେଲ କିଣୁଥିବାରୁ ଭାରତ ଏବଂ ଚୀନ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଜି୭ ଦେଶଗୁଡ଼ିକୁ ପ୍ରସ୍ତାବ ଦେଇଛି । ୟୁକ୍ରେନ ସହିତ ଶାନ୍ତି ଆଲୋଚନା ପାଇଁ ମସ୍କୋକୁ ବାଧ କରିବାକୁ ଆମେରିକା ଏଭଳି କରିଥିବା କୁହାଯାଉଛି ।

ପ୍ରସ୍ତାବିତ ଶୁଳ୍କ ସ୍ତର ୫୦ରୁ ୧୦୦ପ୍ରତିଶତ ମଧ୍ୟରେ ରହିବ ବୋଲି କୁହାଯାଉଛି । ଜି୭(କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ ଏବଂ ଯୁକ୍ତରାଷ୍ଟ୍ର)ର ଅର୍ଥମନ୍ତ୍ରୀମାନେ ଆଜି ଭିଡିଓ କଲ୍ ମାଧ୍ୟମରେ ଏହି ପ୍ରସ୍ତାବ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।



ଆମେରିକାର ଟ୍ରେଜେରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, 'ଚୀନ ଏବଂ ଭାରତ ରୁଷ୍‌ରୁ ତୈଳ କିଣି ପୁଟିନଙ୍କ ଯୁଦ୍ଧ ଯନ୍ତ୍ରକୁ ପାଣି ଯୋଗାଉଛନ୍ତି, ଯାହା ନିର୍ଦ୍ଦୋଷ ୟୁକ୍ରେନୀୟ ଲୋକଙ୍କ ମୃତ୍ୟୁସଂଖ୍ୟା ବଢ଼ାଉଛି । ଏହି ସପ୍ତାହ ଆରମ୍ଭରେ, ଆମେ ଆମର ୟୁରୋପୀୟ ସଂଘର ସହଯୋଗୀମାନଙ୍କୁ ସ୍ପଷ୍ଟ କରିଦେଇଛୁ ଯେ, ଯଦି ସେମାନେ ନିଜ ଘର ପଛପଟେ ଚାଲିଥିବା ଯୁଦ୍ଧ ସମାପ୍ତ କରିବା ପାଇଁ ଚାହାନ୍ତି, ତେବେ ସେମାନଙ୍କୁ ଆମ ସହିତ ସାମିଲ ହୋଇ ଅର୍ଥପୂର୍ଣ୍ଣ ଶୁଳ୍କ ଲାଗୁ କରିବାକୁ ହେବ । ଯୁଦ୍ଧ ଶେଷ ହେବା ଦିନ ହିଁ ଲଗାଯାଇଥିବା ଶୁଳ୍କ ପ୍ରତ୍ୟାହାର କରାଯିବ ।'

## ବିଶ୍ୱ ଭ୍ରମଣରେ ବାହାରିଲେ ୩ ସେନାର ମହିଳା ଅଧିକାରୀ

**ନୂଆଦିଲ୍ଲୀ:** ଆଗକୁ ଅସୁଛି ଦଶହରା । ଏବେ ଦେବୀ ଶକ୍ତିକୁ ଅନୁଭବ କରିବ ଧରଣୀ । ଏହି ଅପସରରେ ଆମ ଦେଶର ମହିଳାମାନେ ବି ବିଭିନ୍ନ ଦିଗରେ ପ୍ରତିନିଧିତ୍ୱ କରୁଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ତିନିଟି ସେବାର ପ୍ରଥମ ମହିଳା ସମୁଦ୍ର ଯାତ୍ରା ଅଭିଯାନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଆଗାମୀ ନଅ ମାସ ମଧ୍ୟରେ ତିନୋଟି ସେବାର ଦଶ ଜଣ ମହିଳା ଅଧିକାରୀ ପ୍ରାୟ ୨୬ ହଜାର ନଟିକାଲ୍ ମାଇଲ୍ ଦୂରତା ଅତିକ୍ରମ କରିବେ, ଯେଉଁଥିରେ ବିଶ୍ୱର କିଛି ସବୁଠାରୁ ବିପଦପୂର୍ଣ୍ଣ ଜଳ କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ ।



ଦଶ ଜଣ ମହିଳା ଅଧିକାରୀ ଆଇଏଏସ୍‌ଭି ତ୍ରିବେଣୀରୁ ପ୍ରସ୍ଥାନ କରିଛନ୍ତି । ସମୁଦ୍ର ପଥରେ ବିଶ୍ୱ ଭ୍ରମଣର ଏହି ଅଭିଯାନକୁ 'ସମୁଦ୍ର ପ୍ରଦକ୍ଷିଣା' ନାମ ଦିଆଯାଇଛି । ଏହାକୁ ବିଶ୍ୱର ପ୍ରଥମ ଏପରି ତ୍ରି-ସେବା ଯାତ୍ରା ବୋଲି କୁହାଯାଉଛି ।

ଏହି ଅଭିଯାନ ମୁମ୍ବାଇର ଗେଟୱେ ଅଫ୍ ଇଣ୍ଡିଆରୁ ଆରମ୍ଭ ହୋଇଥିଲା ଏବଂ ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଭର୍ଚୁଆଲ୍ ଭାବରେ ଦିଲ୍ଲୀରୁ ଆରମ୍ଭ କରିଥିଲେ । ରାଜନାଥ ତାଙ୍କ ଅଭିଭାଷଣରେ ଏହି ଯାତ୍ରାକୁ 'ନାରୀ ଶକ୍ତି'ର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ, ଯାହା ତିନୋଟି ଶକ୍ତିର ସାମୂହିକ ଶକ୍ତି ଏବଂ ଏକତା, ଆତ୍ମନିର୍ଭରଶୀଳ ଭାରତ ଏବଂ ଏହାର ସାମରିକ ଏବଂ କୂଟନୈତିକ ଆଭିମୁଖ୍ୟକୁ ପ୍ରତିଫଳିତ କରେ ।

### ଟ୍ୟାଙ୍କର ସହ ଧକ୍କା ହୋଇ ଖାଇରେ ଓଲଟିଲା ରୋଡୱେଜ୍ ବସ୍

## ୪ ଜଣଙ୍କର ମୃତ୍ୟୁ ଏକାଧିକ ଆହତ

**ନୂଆଦିଲ୍ଲୀ :** ୟୁପିର ରାଜଧାନୀ ଲକ୍ଷ୍ନୌରେ ଗୁରୁବାର ସନ୍ଧ୍ୟାରେ ବଡ଼ ଦୁର୍ଘଟଣା ଘଟିଛି । ଲକ୍ଷ୍ନୌ-ହରଦୋଇ ମାର୍ଗରେ କାକୋରୀ ନିକଟରେ ଟ୍ୟାଙ୍କର ଧକ୍କା ହେବା ପରେ ରୋଡୱେଜ୍ ବସ୍ ୫୦ ଫୁଟ୍ ଗଭୀର ଖାଇକୁ ଓଲଟି ପଡ଼ିଛି । ଦୁର୍ଘଟଣାରେ ୪ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ବସ୍ ତଳେ ଚାପି ହୋଇ ରହି ଥିବାର ଆଶଙ୍କା କରାଯାଉଛି । ପୁଲିସ ପ୍ରଶାସନ ଓ ଫାୟର ବ୍ରିଗେଡ୍‌ର ଟିମ୍ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଲାଗି ପଡିଛନ୍ତି । ବସ୍‌ଟି ହରଦୋଇରୁ ଆସୁଥିଲା । ସିଏମ୍ ଯୋଗୀ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରି ଅଫିସରଙ୍କୁ ଘଟଣା ସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

କୁହାଯାଇଛି ଯେ, ଗୁରୁବାର ସନ୍ଧ୍ୟା ବସ୍ ହରଦୋଇରୁ ଲକ୍ଷ୍ନୌ ଆସୁଥିଲା । କାକୋରୀର ଟିକେତଗଞ୍ଜ ନିକଟରେ ଏକ ଟ୍ୟାଙ୍କର ସହ ତାର ଧକ୍କା ହୋଇ ଥିଲା ଏବଂ ଦ୍ରୁତ ଗତିରେ ଆସୁଥିବା ବସ ନିୟନ୍ତ୍ରଣ ହରାଇ ସଡ଼କ ପାର୍ଶ୍ୱରେ ୫୦ ଫୁଟ ଗଭୀର



ଖାଇକୁ ଓଲଟି ପଡ଼ିଥିଲା । ଅନେକ ବାଇକ୍ ଆରୋହୀ ବସ୍ ତଳେ ପଡ଼ି ଯାଇଥିଲେ । ବସ୍ ଓଲଟି ପଡ଼ିବା ମାତ୍ରେ ବହୁତ ଲୋକେ ଚିତ୍କାର କରିଥିଲେ । ପାଖରେ ଥିବା ଲୋକେ ପୋଲିସକୁ ଖବର ଦେଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଥିଲେ । କିଛି ସମୟ ପରେ ପହଞ୍ଚି ପୁଲିସ ମଧ୍ୟ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ଲାଗିଥିଲା । କିଛି ଲୋକଙ୍କ ବସ୍ ତଳେ ଚାପି ହୋଇ ରହିଥିବା ଆଶଙ୍କାରେ ଅଗ୍ନିଶମ ବାହିନୀକୁ ମଧ୍ୟ ସୂଚନା ଦିଆଯାଇଥିଲା । ପ୍ରଶାସନର ମଧ୍ୟ ଅନେକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ ।

## ୩ ବ୍ଲକ୍‌ର ମହିଳା ସରପଞ୍ଚ ଏବଂ ନାଏବ ସରପଞ୍ଚଙ୍କୁ ନେଇ ଦକ୍ଷତା ବୃଦ୍ଧି ତାଲିମ୍ ପ୍ରଶିକ୍ଷଣ

**ମାଲକାନଗିରି:** ସରକାରଙ୍କ ଉଦ୍ୟମରେ ସ୍ଥାନୀୟ ତିନୋଟି ବ୍ଲକ୍ ଯଥା କାଲିମେଲା, କୋରୁକୋଣ୍ଡା ଏବଂ ମାଥିଲି ବ୍ଲକ୍ ଆଦି ବିଭିନ୍ନ ପଂଚାୟତର ମହିଳା ସରପଂଚ ଏବଂ ନାଏବ ସରପଂଚଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ନେତୃତ୍ୱର ଗଠନ ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଗ୍ରାମପଂଚାୟତର ବିକାଶ ଉଦ୍ଦେଶ୍ୟରେ ମହିଳା ଲୋକ ପ୍ରତିନିଧିଙ୍କୁ ନେଇ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଏକ ଦୀର୍ଘ ତିନି ଦିନିଆ ତାଲିମ୍ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଜିଲ୍ଲା ପରିଷଦ ତତ୍ୱାବଧାନରେ ଚଳିତ ମାସ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ପ୍ରଶିକ୍ଷଣର ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ସମେତ ସମ୍ମାନୀତ ଅତିଥି ଭାବରେ ଏପିଡି ରାମଚନ୍ଦ୍ର ଖଡ଼ିଆ, ଏପିଡି ଅର୍ଥ ମାନସ ମିଶ୍ର, ଅତିଥି ଭାବରେ ଡିପିଏମ ଅଶୋକ ସାହୁ ଉପସ୍ଥିତ ରହି ସମସ୍ତଙ୍କୁ କାର୍ଯ୍ୟକ୍ରମର ଜରୁରୀ ଦିଗ ପ୍ରତି ଧ୍ୟାନ ଆକର୍ଷଣ କରିଥିଲେ । ଏଥିରେ ପୋଗ୍ରାମ୍ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ । ଏହି ତାଲିମ୍ ଶିବିରରେ ଆସିଥିବା ସମସ୍ତ ମହିଳା ସରପଂଚ ଏବଂ ନାଏବ ସରପଂଚଙ୍କ ନେତୃତ୍ୱ ମାଧ୍ୟମରେ ଗ୍ରାମପଂଚାୟତର ବିକାଶ ସମ୍ଭବ ଏହି ଉଦ୍ଦେଶ୍ୟରେ ବିଶେଷ ତାଲିମ୍ ଦିଆଯାଇଥିଲା । ଏହି ଶିବିରରେ ତାଲିମ୍ ଦାତା ଭାବରେ ସମସ୍ତ ମହିଳା ତାଲିମ୍ ଦାତାଙ୍କ ମଧ୍ୟରେ ଏନ ସ୍ୱାତୀ, ସଞ୍ଜନା ମହାରଣା, ଭଗବତୀ ମଣ୍ଡଳ, ସୁନୀତା ସାମଲ, ତପସ୍ୱିନୀ ଜେନା ଆଦି ପ୍ରେରଣାଦାୟୀ ଏବଂ ତଥ୍ୟ ମୂଳକ ତାଲିମ୍ ଦେଇଥିଲେ । ତାଲିମ୍ ଶିବିର ପରେ ଏହି ପ୍ରଶିକ୍ଷଣ ପାଇଥିବା ସମସ୍ତ ମହିଳା ସରପଂଚ ଏବଂ ନାଏବ ସରପଂଚ ମାନେ ନିଜ ଅଂଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରି ଗ୍ରାମପଂଚାୟତର ବିକାଶର ଦାୟିତ୍ୱ ନେବେ ।

## ରାଶିଫଳ

**ମେଷ :** ଘାତଚନ୍ଦ୍ର, ବିଷ୍ଟୀକରଣ ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଅନ୍ୟ ସହିତ କଥାବାର୍ତ୍ତା ବେଳେ ସତର୍କ ହେବେ । ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଶାରୀରିକ ପୀଡ଼ା ଅନୁଭୂତ ହେବ । ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ ।

**ବୃଷ :** ଶୁକ୍ଲପକ୍ଷ ଯୋଗୁ ଆୟର ମାର୍ଗ ଅତି ଉତ୍ତମ ରହିବ ଏବଂ ବିଭିନ୍ନ ଉତ୍ସରୁ ଧନପ୍ରାପ୍ତି ହେବ । ଆୟ ଅଧିକ କରିବା ପାଇଁ ନୂତନ କଳା କୌଶଳ ଆପଣାଇବେ । ସେଥିରେ ସଫଳତା ମିଳିଲେ ମଧ୍ୟ ସନ୍ତୋଷ ମିଳିବ ନାହିଁ ।

**ମିଥୁନ :** ଅଷ୍ଟମ ଚନ୍ଦ୍ର ଓ ବିଷ୍ଟୀକରଣ ଯୋଗୁ ମନରେ ବିରକ୍ତିଭାବ ଓ ଚିଡ଼ିଚିଡ଼ାପଣ ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅପେକ୍ଷା ବ୍ୟୟ ଅଧିକ ରହିବ ଏବଂ କର୍ମରେ ବହୁବିଧ ସମସ୍ୟା ଦେଖାଦେବ ।

**କର୍କଟ :** ସପ୍ତମ ଚନ୍ଦ୍ର ଏବଂ ରବିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ମନରେ ପସନ୍ନତା, ପରିବାରରେ ସୁଖଶାନ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । ପରିଚିତ ମହିଳାଙ୍କଠାରୁ ସାହାଯ୍ୟ, ସହଯୋଗ ଓ ଧନପ୍ରାପ୍ତି ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ଆର୍ଥିକ ସ୍ଥିତିରେ କିଛିଟା ସୁଧାର ଆସିବ ।

**ସିଂହ :** ଦଶମ ଚନ୍ଦ୍ର ଓ ରବିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ କର୍ମ ପ୍ରତି ଅଧିକ ଧ୍ୟାନ ରହିବ ଏବଂ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ରହିବ । ସମସ୍ତ କର୍ମରେ ଆଶାଠାରୁ ଅଧିକ ସଫଳତା ଓ ସମସ୍ତ କଷ୍ଟସାଧ କାମ ଆଜି ଆପଣଙ୍କ ପାଇଁ ସହଜ ହେବ ।

**କନ୍ୟା :** ପଞ୍ଚମ ଚନ୍ଦ୍ର ଯୋଗୁ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପତ୍ୟୁପନ୍ନମତି ଓ ଦୂରଦୃଷ୍ଟିର ବିକାଶ ଘଟିବ । ଚାଲିଚଳନ, ବ୍ୟବହାର ମାର୍ଜିତ ଓ ସର୍ବଜନ ଆଦୃତ ହେବ । ସନ୍ତାନମାନେ ଆଜ୍ଞାଧୀନ ହେବେ ଏବଂ ପିତାମାତାଙ୍କ କୃପାଲାଭ କରିବେ ।

**ତୁଳା :** ଦ୍ୱାଦଶ ଚନ୍ଦ୍ର ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ । ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ ଏବଂ ସମସ୍ତ କର୍ମରେ ଅଯଥା ବିଳମ୍ବ ଦେଖାଦେବ ।

**ବିଛା :** ତୃତୀୟ ଚନ୍ଦ୍ର, ରବିଙ୍କ ନକ୍ଷତ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ସାହାଯ୍ୟ, ସହଯୋଗ ମିଳିବ । ସୁଖବର, ସୁସମ୍ବାଦ ପ୍ରାପ୍ତି ଏବଂ ସମସ୍ତ କର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ନୂତନ ବ୍ୟବସାୟର ସୁଯୋଗ ଜୁଟିବ ।

**ଧନୁ :** ଭାଗ୍ୟ ଉଦୟର ଯୋଗ ରହିଛି । ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଓ ପ୍ରତିପତ୍ତି ବୃଦ୍ଧି ପାଇବ । କୌଣସି ସଭା, ସଙ୍ଗଠନର ନେତୃତ୍ୱ ନେବେ ଏବଂ ମହତ୍ ଲୋକଙ୍କ ସଂସ୍ପର୍ଶରେ ଆସିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ମକର :** ଘାତବାର ଏବଂ ଶ୍ରୀଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ପଡ଼ିବ ନାହିଁ । ମନରେ ପସନ୍ନତା, ପରିବାରରେ ସୁଖଶାନ୍ତି, ସ୍ୱଜନରେ ସୁସମ୍ପର୍କ ଏବଂ ଚାଲିଚଳନ, ବ୍ୟବହାର ମାର୍ଜିତ ଓ ସର୍ବଜନ ଆଦୃତ ହେବ ।

**କୁମ୍ଭ :** ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ସ୍ୱଜନରେ କଥାବାର୍ତ୍ତା ଓ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନକ୍ଷତି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମନୋମାଳିନ୍ୟ, ସ୍ୱଜନରେ ବିବାଦ ଏବଂ ଯାନବାହନରେ ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି ।

**ମୀନ:** ଏକାଦଶ ଚନ୍ଦ୍ର, ମଙ୍ଗଳବାର, ପୂର୍ଣ୍ଣିମା ତିଥି ଓ ରବିଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ସମ୍ପଦ, ପ୍ରାଚୁର୍ଯ୍ୟ, ପ୍ରତିପତ୍ତି ବୃଦ୍ଧି ପାଇବ । ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ ଏବଂ ନୂତନ ଭୂମି, ଯାନବାହନ ଓ ମୂଲ୍ୟବାନ ଧାତୁ କ୍ରୟ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

# ମାତୃଭାଷା

କଟକ, ଶନିବାର, ସେପ୍ଟେମ୍ବର -୧୩, ୨୦୨୫ ପୃଷ୍ଠା: ୪


## ମୋଦି ଭାରତକୁ ବିଶ୍ୱ କୂଟନୀତିର କେନ୍ଦ୍ରବିନ୍ଦୁ କରିଛନ୍ତି

ଆଜିର ଅନ୍ତର୍ଜାତୀୟ ରାଜନୀତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ ବିଶ୍ୱ କୂଟନୀତିର କେନ୍ଦ୍ର ବିନ୍ଦୁ କରିଛନ୍ତି ବୋଲି କହିବା ଅତ୍ୟୁକ୍ତି ହେବ ନାହିଁ। ଯେତେବେଳେ ଆମର ଏହି ବିଶ୍ୱ ବିଭିନ୍ନ ଗୁରୁତର ସମସ୍ୟା ଯଥା ୟୁରୋପରେ ଯୁଦ୍ଧ, ମଧ୍ୟପ୍ରାଚ୍ୟରେ ଅସ୍ଥିରତା, ଏସିଆରେ ଶକ୍ତି ସନ୍ତୁଳନ ପ୍ରତି ଚ୍ୟାଲେଞ୍ଜ ସହିତ ଜଡ଼ିତ, ସେପରି ସଙ୍କଟ ସମୟରେ ପ୍ରାୟ ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ ଭାରତର ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନାକୁ ପ୍ରାଥମିକତା ଦେଉଛନ୍ତି। ସୋସିଆଲ ମିଡିଆରୁ ପ୍ରତ୍ୟକ୍ଷ ବୈଠକ ପର୍ଯ୍ୟନ୍ତ, ମୋଦି ବିଶ୍ୱ ନେତାମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ସୋସିଆଲ ମିଡିଆରେ ସାମ୍ପ୍ରତିକ ଆଲୋଚନା କେବଳ ବ୍ୟକ୍ତିଗତ ସୌହାର୍ଦ୍ଦ୍ୟର ସଙ୍କେତ ନୁହେଁ, ବରଂ ଏହା ମଧ୍ୟ ଦର୍ଶାଉଛି ଯେ ବିଶ୍ୱ ରାଜନୀତିର ପ୍ରଭାବଶାଳୀ ଚେହେରାମାନେ ଭାରତ ସହିତ ସିଧାସଳଖ ସଂଯୋଗ କରିବାକୁ ଚାହାଁନ୍ତି। ଅନ୍ୟପକ୍ଷରେ ମରିସସର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ପ୍ରମାଣିତ କରେ ଯେ ଭାରତ କେବଳ ଏକ ପଡ଼ୋଶୀ ନୁହେଁ, ବରଂ ଭାରତ ମହାସାଗର କ୍ଷେତ୍ରରେ ଏକ ନିର୍ଭରଯୋଗ୍ୟ ଅଂଶୀଦାର ମଧ୍ୟ।

ଇଟାଲୀ, କତାର ଏବଂ ଇରାନ ଭଳି ଦେଶ ସହିତ ସାମ୍ପ୍ରତିକ ଆଲୋଚନା ଭାରତର ଭୂମିକାକୁ ଅଧିକ ସ୍ପଷ୍ଟ କରିଛି। କେତେକ ବିଶ୍ୱନେତା ମୋଦିଙ୍କ ସହିତ ଫୋନ୍ ?ରେ ଶାନ୍ତି ଏବଂ ସ୍ଥିରତା ବିଷୟରେ ଆଲୋଚନା କରୁଛନ୍ତି, ଅନ୍ୟମାନେ ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଗତି ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। କେତେକ ଆତଙ୍କବାଦ ବିରୋଧୀ ସହଯୋଗ ଚାହାଁନ୍ତି, ଅନ୍ୟମାନେ ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ପ୍ରଗତି ସହିତ ଯୋଡ଼ି ହେବାକୁ ଆଗ୍ରହୀ। ଏହି ପରିସ୍ଥିତି ଦର୍ଶାଉଛି ଯେ ଭାରତ ଆଉ ଏକ ଦାବିକାରୀ ରାଷ୍ଟ୍ର ନୁହେଁ, ବରଂ ଏକ ଆମନ୍ତ୍ରଣକାରୀ ରାଷ୍ଟ୍ର ହୋଇଛି।

ବିଶ୍ୱ କୂଟନୀତିରେ ମୋଦିଙ୍କ ଏହି ସକ୍ରିୟ ଏବଂ ସନ୍ତୁଳିତ ଆଭିମୁଖ୍ୟ ଭାରତକୁ ଏକ 'ମଧ୍ୟସ୍ଥି' ଏବଂ ଏକ 'ବିଶ୍ୱସନୀୟ ସ୍ୱର' କରୁଛି। ଭାରତ କେବଳ ଏହାର ସ୍ୱାର୍ଥକୁ ସୁରକ୍ଷା ଦେଉନାହିଁ, ବରଂ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକ ଉପରେ ମଧ୍ୟ ଠୋସ୍ ପଦକ୍ଷେପ ନେଉଛି - ତାହା ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ କିମ୍ବା ଆର୍ଥିକ ଅସମାନତା ହେଉ। ଆଜି ପ୍ରତ୍ୟେକ ଦେଶ ଭାରତ ସହିତ ହାତ ମିଳାଇବାକୁ ଚାହେଁ, କାରଣ ମୋଦି ଭାରତକୁ କେବଳ ଏକ ଆଞ୍ଚଳିକ ଶକ୍ତି ନୁହେଁ, ବରଂ ବିଶ୍ୱ ରାଜନୀତିର କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଛନ୍ତି। ଏହି ପରିସ୍ଥିତି କେବଳ ଭାରତର ବର୍ଦ୍ଧିତ ଶକ୍ତିର ପ୍ରତୀକ ନୁହେଁ, ବରଂ ପରିବର୍ତ୍ତିତ ବିଶ୍ୱ କ୍ରମରେ ଆମ ଦେଶର ନିର୍ଣ୍ଣାୟକ ଭୂମିକାର ପ୍ରମାଣ। ଯଦି ଆମେ ବିଶେଷ ଭାବରେ ଏହି ସପ୍ତାହର କୂଟନୈତିକ ବିକାଶକୁ ଦେଖିବା, ତେବେ ଏହା ସ୍ପଷ୍ଟ ଯେ ପରିବର୍ତ୍ତିତ ବିଶ୍ୱ ପରିସ୍ଥିତିରେ ଭାରତ ଆଉ କେବଳ ଅନ୍ୟ ଏକ ଦେଶ ନୁହେଁ, ବରଂ ସମସ୍ତ ଦେଶ ପାଇଁ ଏକ ଅପରିହାର୍ଯ୍ୟ ଅଂଶୀଦାର ପାଲଟିଛି।

ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ମଧ୍ୟରେ ୧୦ ସେପ୍ଟେମ୍ବରରେ ହୋଇଥିବା ଆଲୋଚନା ସ୍ପଷ୍ଟ କରିଥିଲା ଯେ ଭାରତ-ଇଟାଲୀ ସମ୍ପର୍କ ଏବେ ରଣନୈତିକ ସହଭାଗୀତାର ଏକ ନୂତନ ପର୍ଯ୍ୟାୟରେ ଅଛି। ନିବେଶ, ପ୍ରତିରକ୍ଷା, ବିଜ୍ଞାନ, ଶିକ୍ଷା ଏବଂ ଆତଙ୍କବାଦ ବିରୋଧୀ କ୍ଷେତ୍ରରେ ସହଯୋଗ କେବଳ ଦ୍ୱିପାକ୍ଷିକ ସମ୍ପର୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସମଗ୍ର ୟୁରୋପକୁ ଏକ ବାର୍ତ୍ତା ପଠାଏ ଯେ ଭାରତ-ଇୟୁ ସମ୍ପର୍କ ଭବିଷ୍ୟତର ବିଶ୍ୱ କ୍ରମରେ ନିର୍ଣ୍ଣାୟକ ହେବ। ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଏବଂ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡରରେ ସହଯୋଗ ପାଇଁ ଇଟାଲୀର ଉତ୍ସାହ ଏହାକୁ ନିଶ୍ଚିତ କରେ।

କାତାରର ଆମୀରଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା କେବଳ ଆଞ୍ଚଳିକ ସଙ୍କଟ ଉପରେ ଭାରତର ସକ୍ରିୟତାକୁ ପ୍ରତିଫଳିତ କରେ ନାହିଁ, ବରଂ ଏହା ମଧ୍ୟ ସ୍ପଷ୍ଟ କରେ ଯେ ଭାରତ ଏବେ ମଧ୍ୟପ୍ରାଚ୍ୟ ଶାନ୍ତି ପ୍ରକ୍ରିୟାରେ ଏକ ବିଶ୍ୱସନୀୟ ଖେଳାଳି। ଦୋହା ଆକ୍ରମଣକୁ ନିନ୍ଦା କରିବା ଏବଂ ଗାଜା ସଙ୍କଟରେ କାତାରର ମଧ୍ୟସ୍ଥତାକୁ ସମର୍ଥନ କରିବା ଭାରତର ନୀତିର ଅଂଶ ଯେଉଁଥିରେ ଏହା ସ୍ପଷ୍ଟ ଭାବରେ ଆତଙ୍କବାଦକୁ ବିରୋଧ କରେ ଏବଂ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମାଧାନ ଖୋଜିବା ଉପରେ ଗୁରୁତ୍ୱ ଦିଏ। ଏହା ଏକ ବାର୍ତ୍ତା ଦେଇଥିଲା ଯେ ଭାରତ କେବଳ ଏକ ଶକ୍ତି ଆମଦାନୀକାରୀ ନୁହେଁ, ବରଂ ଆଞ୍ଚଳିକ ସ୍ଥିରତା ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗୀ।

ମାଲେସିଆରେ ପୂର୍ବ ଏସିଆ ଶିଖର ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକରେ, ଭାରତ କେବଳ ଗଠନମୂଳକ ସହଯୋଗର ପ୍ରତିଶ୍ରୁତି ଦେଇନାହିଁ ବରଂ ମିଶନ ଲାଇଫ ଏବଂ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚଶିକ୍ଷା ସମ୍ମିଳନୀ ଭଳି ପଦକ୍ଷେପକୁ ଆଗକୁ ଆଣି ଏସିଆର ସାଧାରଣ ଚ୍ୟାଲେଞ୍ଜ (ଶକ୍ତି, ପରିବେଶ, ଶିକ୍ଷା)ର ସମାଧାନ ପ୍ରଦାନ କରିବାରେ ଭାରତ ଆଗରେ ଅଛି ବୋଲି ମଧ୍ୟ ଦର୍ଶାଇଛି। ବ୍ରସେଲ୍ସରେ ୧୫ତମ ଭାରତ-ଇୟୁ ଆତଙ୍କବାଦ ବିରୋଧୀ ଆଲୋଚନା ପ୍ରମାଣ କରେ ଯେ ଆତଙ୍କବାଦ ଉପରେ ଭାରତର ଅଭିଜ୍ଞତା ଏବଂ ଦୃଢ଼ ଆଭିମୁଖ୍ୟ ବିଶ୍ୱସ୍ତରୀୟ ସ୍ୱୀକୃତି ପାଉଛି। ପହଲଗାମ ଆକ୍ରମଣରେ ଭାରତ ସହିତ ୟୁରୋପର ସ୍ଥିତି ଏବଂ ଆତଙ୍କବାଦର ଆର୍ଥିକ ପ୍ରବାହ ବନ୍ଦ କରିବା ଠାରୁ ଆରମ୍ଭ କରି ବୈଷୟିକ ଚ୍ୟାଲେଞ୍ଜ ଉପରେ ଏକାଠି କାମ କରିବାର ସଂକଳ୍ପ ଦର୍ଶାଏ ଯେ ଭାରତ ଏବେ ସୁରକ୍ଷା ଆଲୋଚନାର କେନ୍ଦ୍ରରେ ଅଛି।

ତେହେରାନରେ ଅନୁଷ୍ଠିତ ଭାରତ-ଇରାନ ରାଜନୈତିକ ପରାମର୍ଶ ଦର୍ଶାଏ ଯେ ଭାରତ ଅନ୍ତର୍ଜାତୀୟ ପରିବହନ କରିଡର (ଓଘଝଞଉ) ଏବଂ ସଂଯୋଗ ପ୍ରକଳ୍ପରେ ଅପରିହାର୍ଯ୍ୟ। ଭାରତ କେବଳ ଏକ ବାଣିଜ୍ୟ ପଥ ନୁହେଁ ବରଂ ପଶ୍ଚିମ ଏସିଆରୁ ମଧ୍ୟ ଏସିଆ ଏବଂ ୟୁରୋପକୁ ଏକ ରଣନୈତିକ ସେତୁ ମଧ୍ୟ ହେବାକୁ ଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସୋସିଆଲ ମିଡିଆରେ ସମ୍ପ୍ରତି ହୋଇଥିବା ଆଲୋଚନା ଏକ ବାର୍ତ୍ତା ଦେଇଛି ଯେ ଭାରତ-ଆମେରିକା ସହଭାଗୀତା କେବଳ ଆନୁଷ୍ଠାନିକ କୂଟନୀତି ପର୍ଯ୍ୟନ୍ତ ସୀମିତ ନୁହେଁ। ଏହି ଆଲୋଚନା କେବଳ ଦୁଇ ଦେଶର ନେତୃତ୍ୱର ବ୍ୟକ୍ତିଗତ ନିକଟତାକୁ ପ୍ରତିଫଳିତ କରେ ନାହିଁ, ବରଂ ଏହା ମଧ୍ୟ ସୂଚିତ କରେ ଯେ ବିଶ୍ୱ ରାଜନୀତିରେ ଭାରତର ଭୂମିକା ଆମେରିକା ଆଲୋଚନାର କେନ୍ଦ୍ରରେ ଅଛି, କ୍ଷମତାରେ ଥିବା ଦଳ ଯେକୌଣସି ହେଉ ନା କାହିଁକି।

ମରିସସ୍ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଭାରତ ମହାସାଗର କ୍ଷେତ୍ରରେ ଭାରତର ରଣନୈତିକ ଗଭୀରତାକୁ ଉଜ୍ଜ୍ୱଳ କରିଥିଲା। ମରିସସ୍ ଦୀର୍ଘଦିନ ଧରି ଭାରତର ଏକ ସାଂସ୍କୃତିକ ଏବଂ ରାଜନୈତିକ ଅଂଶୀଦାର ରହିଆସିଛି, କିନ୍ତୁ ସାମ୍ପ୍ରତିକ ଆଲୋଚନା ସାମୁଦ୍ରିକ ସୁରକ୍ଷା, ଡିଜିଟାଲ୍ ସହଯୋଗ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନୂତନ ସମ୍ଭାବନାକୁ ଜନ୍ମ ଦେଇଛି। ଏହା ସୂଚିତ କରିଛି ଯେ ଭାରତ ମହାସାଗର କ୍ଷେତ୍ରରେ ଭାରତର ଭୂମିକାକୁ ଏକ ନେଟ୍ ସୁରକ୍ଷା ପ୍ରଦାନକାରୀ ଏବଂ ବିକାଶ ଅଂଶୀଦାର ଭାବରେ ଗ୍ରହଣ କରାଯାଉଛି। ଯେପର୍ଯ୍ୟନ୍ତ ପ୍ରଶ୍ନ ହେଉଛି ଯେ ଭାରତ ଏବେ ବିଶ୍ୱ କାର୍ଯ୍ୟକଳାପର କେନ୍ଦ୍ର କାହିଁକି ? ଉତ୍ତର ହେଉଛି ଯେ ଭାରତ ଆମେରିକା ଏବଂ ୟୁରୋପରୁ ଆରମ୍ଭ କରି ରୁଷ, ଇରାନ ଏବଂ ଉପସାଗରୀୟ ଦେଶ ପର୍ଯ୍ୟନ୍ତ ସମସ୍ତଙ୍କ ସହିତ ଆଲୋଚନା ଜାରି ରଖିଛି। ଏହା ବ୍ୟତୀତ, ଭାରତ ଆଉ ଆତଙ୍କବାଦ ଏବଂ ଆଞ୍ଚଳିକ ବିବାଦରେ 'ଦର୍ଶକ' ନୁହେଁ ବରଂ ଏକ 'ଭାଗୀ'। ଏହା ସହିତ, ନିବେଶ, ବାଣିଜ୍ୟ ଏବଂ ଶକ୍ତି କରିଡର ମାଧ୍ୟମରେ, ଭାରତ ବିଶ୍ୱ ଯୋଗାଣ ଶୃଙ୍ଖଳର ଏକ ଅବିଚ୍ଛେଦ୍ୟ ଅଂଶ ହେବାକୁ ଯାଉଛି। ଏହା ବ୍ୟତୀତ, ଭାରତ ନାଳନ୍ଦା ବିଶ୍ୱବିଦ୍ୟାଳୟ, ମିଶନ ଲାଇଫ ଏବଂ ବିଶ୍ୱ ଶାନ୍ତିର ସମର୍ଥନ ମାଧ୍ୟମରେ ମଧ୍ୟ ଏହାର ନରମ ଶକ୍ତିକୁ ସୁଦୃଢ଼ କରୁଛି।

ତଥାପି, ପ୍ରଧାନମନ୍ତ୍ରୀ ମୋଦିଙ୍କ କୂଟନୀତି ଭାରତକୁ ପ୍ରତ୍ୟେକ ମହାଦେଶରେ ଗୁରୁତ୍ୱପୂର୍ଣ୍ଣ କରିଛି। ୟୁରୋପରୁ ଆମେରିକା, ମଧ୍ୟପ୍ରାଚ୍ୟରୁ ଭାରତ ମହାସାଗର ପର୍ଯ୍ୟନ୍ତ - ଭାରତ ଏବେ ତିନୋଟି କ୍ଷମତାରେ ସକ୍ରିୟ - ଏକ ସନ୍ତୁଳନକାରୀ ଶକ୍ତି, ଏକ ସୁରକ୍ଷା ଅଂଶୀଦାର ଏବଂ ଏକ ଅର୍ଥନୈତିକ ଇଞ୍ଜିନ। ଏହା ସେହି ଭାରତ ଯାହାର ସ୍ୱର କେବଳ ବିଶ୍ୱ ସମ୍ମିଳନୀଗୁଡ଼ିକରେ ନୁହେଁ ବରଂ ସାମାଜିକ ଗଣମାଧ୍ୟମ ଆଲୋଚନା ଏବଂ ସାମୁଦ୍ରିକ ସହଭାଗୀତାରେ ମଧ୍ୟ ପ୍ରତିଧ୍ୱନିତ ହେଉଛି। ଆଜିର ଭାରତ ପ୍ରକୃତରେ ବିଶ୍ୱ କାର୍ଯ୍ୟକଳାପର କେନ୍ଦ୍ର - ଏବଂ ଏହାର ଶ୍ରେୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ଣ୍ଣାୟକ ଏବଂ ସନ୍ତୁଳିତ ବୈଦେଶିକ ନୀତିକୁ ଯାଏ।

## କୃଷି ସମୃଦ୍ଧ ଯୋଜନାରେ ଆଗେଇବ ରାଜ୍ୟର କୃଷି ପ୍ରଗତି

ହୃଶିକେଷ ପୁହାଣ

ଓଡ଼ିଶା ଏକ ପ୍ରବଣ ଓ ଚାଷ ବାସ ହିଁ ଓଡ଼ିଶାବାସୀଙ୍କ ମୁଖ୍ୟ ଜୀବନ ଜୀବିକା ରୋଜିରୋଟି ଓ ଅର୍ଥନୀତି। ଅନେକ ହୁଏତ ଜାଣିନଥିବେ ଆମ ଚାଷୀ ପୁଅମାନେ ହେଉଛନ୍ତି ସମଗ୍ର ଓଡ଼ିଶା ଜନସଂଖ୍ୟାର ବଡ଼ ଓ ମୁଖ୍ୟ ଆଧାର। ପରିସଂଖ୍ୟାନରୁ ଜଣାଯାଇଛି ମୋଟ ଶ୍ରମ ଶକ୍ତିରୁ ପାଖାପାଖି ୫୦% କେବଳ କୃଷି ଓ ଏହି ଚାଷବାସ ସମ୍ପର୍କିତ ହିଁ ଆୟ ହୋଇଥାଏ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ ସରକାର ଶାସନ ଦାୟିତ୍ୱ ନେବାପରେ ଓଡ଼ିଶାବାସୀଙ୍କ ମୁଖ୍ୟ ଅବଲମ୍ବନ କୁହାଯାଉଥିବା କୃଷି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦିନଥିଲା ବନ୍ୟା, ବାତ୍ୟା, ମରୁଡ଼ି, ପ୍ରାକୃତିକ ବିପର୍ଯ୍ୟୟ ଓ ତତ୍ ଜନିତ କ୍ଷୟକ୍ଷତିକୁ ନେଇ ଚାଷୀ ଆତ୍ମହତ୍ୟା ଉଦବେଗଜନକ ହୋଇପଡୁଥିଲା ତେବେ ସେ ସମୟ ଆଉ ନାହିଁ। ବର୍ତ୍ତମାନର ମୋହନ ସରକାର କୃଷି ନୀତିକୁ ସଂଗଠିତ କରି ଏହାକୁ ଯୋଜନାବଦ୍ଧ ଭାବରେ ତ୍ୱରାନ୍ୱିତ କରିବା ସହ ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତି ଓ ଡିଜିଟାଇଜେସନ ଭଳି ବ୍ୟବସ୍ଥାକୁ ଗ୍ରହଣ କରିବା ଦ୍ୱାରା ଓଡ଼ିଶାରେ କୃଷି କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହେବା ସହ ଉଲ୍ଲେଖନୀୟ ଭାବେ କେବଳ ଅଭିବୃଦ୍ଧି ହୋଇନାହିଁ ବରଂ ସମଗ୍ର ଭାରତକୁ ଏବେ କୃଷି ଉତ୍ପାଦନ ଭିତ୍ତିକ ରାଜ୍ୟ ଭାବେ ଏବଂ ରେକର୍ଡ଼ ସଂଖ୍ୟକ ଖାଦ୍ୟଶସ୍ୟ ଉତ୍ପାଦନ କରି ଓଡ଼ିଶା ତାର ସ୍ୱତନ୍ତ୍ରତା ବଜାୟ ରଖିଛି। ଓଡ଼ିଶାର ଚାଷବାସ ଭିତରେ ମୁଖ୍ୟତଃ ହେଉଛି ଧାନ ଚାଷ। ତେଣୁ ସରକାର ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରି ଚାଷୀକୁ ଆଗେଇବା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି।

ମୋହନ ସରକାରଙ୍କ ଡବଲ ଇଞ୍ଜିନ ସରକାରର ଚାଷୀ ନୀତି ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମୃଦ୍ଧ କୃଷକ ଯୋଜନା। ଏହି ଯୋଜନା ଦ୍ୱାରା ଓଡ଼ିଶାର ଚାଷୀପୁଅମାନଙ୍କ ଠାରୁ ପ୍ରତି କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପି ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେଇ ଧାନ କ୍ରୟ କରାଯାଉଛି। ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ଖାଦ୍ୟଥାଳିରେ ପୁଷ୍ଟିଶସ୍ୟର ପୁନରଉଦ୍ଧାର ନିମିତ୍ତ ସରକାର ନୂତନ ଭାବେ ଶ୍ରୀ ଅନ୍ନ ଅଭିଯାନ ଆରମ୍ଭ କରିଛନ୍ତି। ସୂଚନାଥାଉକି ରାଜ୍ୟରେ ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିବା ଏହି ଯୋଜନାଟି ତମାମ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ ୧୭୭ଟି ବୃଷ୍ଟିପୁଷ୍ଟ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି। ସରକାର ଚାଷୀପୁଅକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ସେମାନଙ୍କ ସହାୟତା ନିମିତ୍ତ ପ୍ରତି କ୍ୱିଣ୍ଟାଲ ପିଛା ୪୨୯୦ ଟଙ୍କା ସର୍ବାଧିକ ସହାୟକ ମୂଲ୍ୟ ବ୍ୟତୀତ କ୍ୱିଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋତ୍ସାହନ ସହାୟତା ପ୍ରଦାନ କରି ମାଣ୍ଡିଆ କ୍ରୟ କରୁଛନ୍ତି। ୨୦୨୪-୨୫ ବର୍ଷରେ ୭.୬୪ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି।



ସରକାର କୃଷି କ୍ଷେତ୍ର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଚାର କରାଯାଉଥିବା କୃଷି ଉତ୍ପାଦନ ଓ ଖାଦ୍ୟଶସ୍ୟର ଉପଲବ୍ଧତା ବୃଦ୍ଧି, କୃଷି ରପ୍ତାନି ବୃଦ୍ଧି, ଶ୍ରମିକ ଅଭାବକୁ ହ୍ରାସ, ଦୁର୍ଲ୍ଲଭ ପ୍ରାକୃତିକ ସମ୍ପଦ ଏବଂ କୃଷି ସାମଗ୍ରୀର ବିଚାର ପୂର୍ଣ୍ଣ ବ୍ୟବହାରକୁ ସହଜ କରିବା ନିମନ୍ତେ କୃଷି ଯାନ୍ତ୍ରିକୀକରଣ ଉପରେ ଧ୍ୟାନ ଦିଆଯାଇଛି। ଏହାର ସୁଫଳ ଚାଷୀପୁଅମାନେ ପାଉଛନ୍ତି ଯାହାଦ୍ୱାରା କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର କୃଷି ଶକ୍ତି ବ୍ୟବହାର ୨.୬୦ କିଲୋୱାଟ ହେକ୍ଟରରେ ପହଞ୍ଚିଛି। ସରକାର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ରଖିଛନ୍ତି ୨୦୩୬ ସୁଦ୍ଧା ଏହା ୩.୫ କିଲୋୱାଟ / ହେକ୍ଟରରେ ପହଞ୍ଚିବା ପାଇଁ ଯୋଜନା ରହିଛି।

କୃଷି ଉତ୍ପାଦନ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ନିମିତ୍ତ ଲୋକପ୍ରିୟ ମୋହନ ସରକାର କୃଷି ଉତ୍ପାଦନ କ୍ଲଷ୍ଟର ଯୋଜନା ୧୦୦ଟି ଆଦିବାସୀ ବହୁଳ ବ୍ଲକରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସିଏସ) ସ୍ଥାପନ କରାଯାଇ ଜୀବିକା ସମ୍ପଦ ସୃଷ୍ଟି କରିବା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ପାଇଁ ବଜାର ସଂଯୋଗ ବ୍ୟବସ୍ଥା କରାଯିବାର ବ୍ୟବସ୍ଥା କରାଯାଇଛି। ଏହାର ସୁଫଳ ସ୍ୱରୂପ ୧୬ ଜିଲ୍ଲାର ୧୦୦ଟି ବ୍ଲକରେ ୨୫୮୩୫୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ନେଇ ୨୧୪୮ ଉତ୍ପାଦକ ଗୋଷ୍ଠୀ ଏବଂ ୬୨ ଉତ୍ପାଦକ କମ୍ପାନୀକୁ ପ୍ରୋତ୍ସାହିତ କରାଯାଇଛି। କେବଳ ସେତିକି ନୁହେଁ ଉତ୍ପାଦକ ଗୋଷ୍ଠୀର ଚାଷୀ ମାନଙ୍କ ଦ୍ୱାରା ୧୧୩୭୭ ଲକ୍ଷ ଟଙ୍କାର ସାମୂହିକ ବିପଣନ କରାଯାଇଛି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାର ଚାଷୀପୁଅଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନିମିତ୍ତ ସେମାନଙ୍କୁ ବ୍ୟାଙ୍କିଙ୍ଗ ସହାୟତାର ବ୍ୟବସ୍ଥା କରିବା ସହ କୃଷି ବିଭାଗ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛି ଏବଂ ଆନ୍ତର୍ଜାତିକ ସହଯୋଗ ଅନୁଷ୍ଠାନର ମିଳିତ ଉଦ୍ୟୋଗରେ ଉନ୍ନତ କୃଷିଯନ୍ତ୍ରପାତି, ଉପକରଣ ଓ ଆନୁସଙ୍ଗିକ ସହାୟକ ଉପକରଣ କିଣିବା ପାଇଁ ସହଯୋଗ ପ୍ରଦାନ କରାଯାଉଛି। ସରକାର ସହରାଞ୍ଚଳରେ ବାସ କରୁଥିବା ଚାଷ କ୍ଷେତର ଚଷାପୁଅଙ୍କ ପାଇଁ ସିଏମ କିଶାନ ଯୋଜନା ପ୍ରକଳ୍ପ ହାତକୁ ନେଇ ସେମାନଙ୍କ ପାଇଁ ସାମଗ୍ରିକ ସହାୟତା କରୁଛନ୍ତି ଓ ସେମାନଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ କିଣିବା ସହ ବିପର୍ଯ୍ୟୟ ସମୟରେ ସେମାନଙ୍କର ଚାଷ କ୍ଷୟକ୍ଷତି ଜନିତ କଷ୍ଟକୁ ଲାଘବ କରିବା ପାଇଁ ସହଯୋଗ ରାଶି ପ୍ରଦାନ କରିଥାଏ। ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ବିଶେଷକରି ରବି ଋତୁରେ ଜଳସେଚନ ସୁବିଧା ନଥିବାରୁ ଫସଲ ପ୍ରସ୍ତୁତି ଓ ଉତ୍ପାଦନ କଷ୍ଟକର ହୋଇଥାଏ। ଏହି ସମସ୍ୟାକୁ ମୁକାବିଲା କରିବା ପାଇଁ ଓଡ଼ିଶା ସରକାର ନୂତନ ଭାବେ ରାଜ୍ୟରେ ରସାୟନମୁକ୍ତ ଜୈବିକ ଚାଷକୁ ଉତ୍ସାହିତ କରିବା ନିମିତ୍ତ 'ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ' ପରି ଏକ ପ୍ରମୁଖ କାର୍ଯ୍ୟକ୍ରମ ଜରିଆରେ ମୃତ୍ତିକାର ଜୈବ ଅଙ୍ଗାର ବୃଦ୍ଧି ନିମିତ୍ତ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ମରଣୀୟ ପଦକ୍ଷେପ ହେଉଛି ଲୋକପ୍ରିୟ ମୋହନ ସରକାର ଅମୃତ ଅନ୍ନ ଯୋଜନା ହାତକୁ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ପ୍ରସ୍ତୁତି ତଥା କୋଠଭୋଗ ଓ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତି ପାଇଁ ଜୈବିକ ପ୍ରଣାଳୀ ଧାନ ଚାଷ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ଓଡ଼ିଶାର ଚାଷୀ ପୁଅ ତାର ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିବା ପାଇଁ ଶୀତଳ ଭଣ୍ଡାର ଉପରେ ନିର୍ଭରଶୀଳ ଥିବାରୁ ଏହି ବ୍ୟବସ୍ଥାକୁ ସୁଦୃଢ଼ ଓ ଯୋଜନାବଦ୍ଧ କରି ରାଜ୍ୟର ୫୮ଟି ଉପଖଣ୍ଡରେ ଶୀତଳ ଭଣ୍ଡାର ଘରୋଇ ସହଯୋଗରେ ପ୍ରତିଷ୍ଠାର ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଦ୍ୱାରା ଯୁବ ଉଦ୍ୟୋଗୀ ବା ଯୁବଚାଷୀମାନେ ଚାଷବାସ ପ୍ରତି ଆଗ୍ରହ ବଢ଼ାଉଛନ୍ତି ଏବଂ ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛନ୍ତି।

ଓଡ଼ିଶାର ଲୋକପ୍ରିୟ ମୋହନ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଏପରି ଏକ ଚାଷୀ ଅନୁକୂଳ ଓ ଚାଷୀ ଅର୍ଥନୀତିକୁ ସୁଦୃଢ଼ କରୁଥିବା ବିଶାଳ କାର୍ଯ୍ୟକ୍ରମ ସରକାରଙ୍କ ଏହି ବଡ଼ ଯୋଜନାରେ ଚାଷୀ ଓ ଏହି ସମ୍ପର୍କିତ ଉଦ୍ୟୋଗ ପ୍ରତିଷ୍ଠା ନିମିତ୍ତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ରହିଛି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତ ବିକାଶର ମୂଳକେନ୍ଦ୍ର ଓଡ଼ିଶା ହୋଇଥିବାରୁ ଏବଂ ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ନିମିତ୍ତ ବିଶେଷକରି ଓଡ଼ିଶାରେ କୃଷି ପ୍ରଗତିକୁ ଶୀର୍ଷରେ ପହଞ୍ଚାଇବା ସହ ଓଡ଼ିଶାକୁ କୃଷି ଅର୍ଥନୀତିର ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ଖସଡ଼ା ପ୍ରସ୍ତୁତ କରିଛନ୍ତି ସେ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।


ଥାଇଲୋ, ଅଲିକଣ୍ଡା, ବାଲିକୁଦା, ଜଗତସିଂହପୁର-୭୫୪୧୦୮, ୭୦୦୮୪୩୮୯୫୯


## ସତ୍ୟବାଦୀ ଚେତନା ଓ ଓଡ଼ିଆ ଭାଷା ସାହିତ୍ୟର କର୍ଣ୍ଣଧାର

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସତ୍ୟବାଦୀ-ଚେତନା ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଭାବଧାରା ସୃଷ୍ଟି କରିବାରେ ଥିଲା ପ୍ରମୁଖ ପ୍ରେରଣା। ମାନବବନ୍ଦନା ଥିଲା ଏହାର ଅନ୍ୟତମ ଆଦର୍ଶ। ୧୯୨୧ ମସିହାରୁ ଭାରତବର୍ଷରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ। ଓଡ଼ିଶାରେ ମଧ୍ୟ ତାହା ପ୍ରଭାବ ବିସ୍ତାର କଲା। ଉତ୍କଳମଣି ଗୋପବନ୍ଧୁ ଦାସ ନେଲେ ତାହାର ନେତୃତ୍ୱ। ଏହି ସମୟରେ ଜାତୀୟ କବି ବୀରକିଶୋର ଦାସ ଓ ବାଞ୍ଛାନିଧି ମହାନ୍ତି ରଚନା କଲେ ଜାତୀୟ ଉଦବୋଧନମୂଳକ ଗୀତିକା। ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ। ଏହି ପର୍ବର ପାଞ୍ଚ ଜଣ ତରୁଣ ଲେଖକ ହେଲେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର। ଏମାନଙ୍କ ଲେଖାରେ ପ୍ରକାଶ ପାଇଲା ସ୍ୱପ୍ନ, କଚ୍ଛ ନା, ସେ ପ୍ରମ, ଯୌବନ, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ନାନା ଭାବ ଓ ଭାବନା। ଏମାନେ ସମକାଳୀନ ସ୍ୱାଧୀନତା ସଂଗ୍ରାମ ତଥା ସତ୍ୟବାଦୀ ଚେତନା ପ୍ରତି ଅନାସକ୍ତ ରହିଲେ। କାଳିନ୍ଦୀଚରଣ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କଲେ। ୧୯୩୦ ମସିହା ପରବର୍ତ୍ତୀ ସମୟରୁ ତାଙ୍କର ସ୍ରଷ୍ଟା ମାନସ କ୍ରମଶଃ ପ୍ରଗତିବାଦୀ ଭାବଧାରା ପ୍ରତି ଆକୃଷ୍ଟ ହୋଇଛି। 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା' ଏବଂ 'ଅମର ଚିତା' ତାଙ୍କର ପ୍ରସିଦ୍ଧ ଉପନ୍ୟାସ। ସେ ମଧ୍ୟ ବହୁ ଗଳ୍ପର ସ୍ରଷ୍ଟା। ମାନବବାଦୀ ଭାବଧାରା ଓ ଗାନ୍ଧିବାଦ ତାଙ୍କ ଗଳ୍ପ ଓ ଉପନ୍ୟାସର ପ୍ରାଣସତ୍ତା। ତାଙ୍କର କବିତା କ୍ରମଶଃ ସ୍ୱପ୍ନ ଓ କଚ୍ଛ ନାରୁ ପ୍ରଗତିବାଦୀ ଭାବଧାରାକୁ ଗତି କରିଯାଇଛି। ବୈକୁଣ୍ଠନାଥ ଆଜୀବନ କବିତା ଲେଖିଥିଲେ। 'କାବ୍ୟ ସଞ୍ଚୟନ', 'ଉତ୍ତରାୟଣ'' ଆଦି ତାଙ୍କର କବିତା ଗ୍ରନ୍ଥ। ଶରତ ଚନ୍ଦ୍ର ଓ ହରିହର ମଧ୍ୟ କେତେକ କବିତା ରଚନା କରିଥିଲେ। ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ରତ୍ନାକର ପତି ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ। ତାଙ୍କ ବ୍ୟତୀତ ମୋହିନୀ ମୋହନ ସେନାପତି, ବିପିନ ବିହାରୀ ରାୟ, ବ୍ରଜ ବିହାରୀ ମହାନ୍ତି, କପିଳେଶ୍ୱର ଦାଶ ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଜଗନ୍ନାଥ ପାଣି ଗୀତାଭିନୟ ଜଗତରେ ଯେଉଁ ଧାରା ସୃଷ୍ଟି କଲେ ସେଥିରେ ପରିବର୍ତ୍ତନ ଆଣି ବୈଷ୍ଣବ ପାଣି, ଗୋପାଳ ଦାଶ, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, କୃଷ୍ଣ ପ୍ରସାଦ ବେହେରା ନୂତନ ଚମକ ସୃଷ୍ଟି କଲେ। ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର ପ୍ରମୁଖ ନାଟକ ରଚନା କରିଥିଲେ ମଧ୍ୟ ନାଟ୍ୟଭାରତୀ ଅଶ୍ୱିନୀ କୁମାର ଘୋଷ ସ୍ୱାଧୀନତା ଲାଭର ପୂର୍ବ ତିରିଶ ବର୍ଷ କାଳ ନାଟକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥଲେ। ତାଙ୍କ ରଚିତ କୋଣାର୍କ', 'କଳାପାହାଡ', 'ଗୋବିନ୍ଦ ବିଦ୍ୟାଧର', 'କେଶରୀଗଙ୍ଗ', 'ଭୀଷ୍ମ', 'ସାବିତ୍ରୀ', 'ସାଲବେଗ', 'ବନ୍ଧୁ ମହାନ୍ତି', 'ଶ୍ରୀଲୋକନାଥ', 'ତାଜମହଲ', 'ପାଇକ ପୁଅ', 'ଓଡ଼ିଆ ଝିଅ', 'କପିଳେନ୍ଦ୍ର ଦେବ', 'ରଘୁ ଅରକ୍ଷିତ', 'ଦାସିଆ ବାଉରୀ', 'ଶ୍ରୀମନ୍ଦିର', 'ଚଷାଝିଅ' ଆଦି ନାଟକାବଳୀ ଓଡ଼ିଆ ନାଟ୍ୟ ସାହିତ୍ୟର ମଧ୍ୟପର୍ବରେ ଉଲ୍ଲେଖଯୋଗ୍ୟ ସୃଷ୍ଟି।

ଭାରତୀୟ ମୁକ୍ତି-ସଂଗ୍ରାମକୁ ଅବଲମ୍ବନ କରି ଜାତୀୟତାର ଭାବ ତରଙ୍ଗ ସମଗ୍ର ଭାରତର ଲେଖକମାନଙ୍କ ହୃଦୟରେ ତରଙ୍ଗାୟିତ ହୋଇ ଉଠିଥିଲା। ଗାନ୍ଧିବାଦ ଥିଲା ସେକାଳର ପ୍ରଧାନ ଆଦର୍ଶ। ୧୯୩୦ ମସିହା ପରେ ମାର୍କସବାଦ ଭାରତବର୍ଷରେ କ୍ରମେ ପ୍ରଭାବ ବିସ୍ତାର କଲା। ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୫ ମସିହା ଡିସେମ୍ବର ମାସରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ ଓ ଏହି ସଂସଦ ଆନୁକୂଲ୍ୟରେ ପ୍ରକାଶ କଲେ 'ଆଧୁନିକ' ପତ୍ରିକା। ପ୍ରଗତିବାଦୀ ଆଭିମୁଖ୍ୟ ନେଇ ପତ୍ରିକାର ହେଲା ଗତି। ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ସୁନନ୍ଦ କର ପ୍ରମୁଖ ଏହି ନବଯୁଗ ସଂସଦର ସଭ୍ୟ ହେଲେ। ମାର୍କସବାଦ ଓ ପ୍ରଗତିବାଦ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଲେଖକ ସାହିତ୍ୟ ସୃଷ୍ଟି କଲେ। ଭଗବତୀ ଚରଣଙ୍କର 'ଶିକାର', 'ହାତୁଡି ଓ ଦା', 'ଜୀବନର ସମାଧୁ', "ଜଙ୍ଗଲୀ' ଆଦି ଗଳ୍ପ ଓ ବିବିଧ ପ୍ରବନ୍ଧ, କାଳିନ୍ଦୀ ଚରଣଙ୍କର 'ଆଗାମୀ', 'ଯାଦୁଘର', 'ମୋ କବିତା' ଆଦି କବିତା ସହିତ ଅନନ୍ତ ପଟ୍ଟନାୟକଙ୍କର ' ରକ୍ତ ଶିଖା', 'ଶାନ୍ତି ଶିଖା', 'କିଞ୍ଚିତ, 'ତର୍ପଣ' କରେ ଆଜି' ସଚ୍ଚିଦାନନ୍ଦ ରାଉତରାୟଙ୍କର 'ଅଭିଯାନ', 'ଭାନୁମତୀର ଦେଶ', 'ବାଜି ରାଉତ' ଆଦି କବିତା ପୁସ୍ତକ, ରଘୁନାଥ ଦାସ, ସୁନନ୍ଦ କର ଓ ମନମୋହନ ମିଶ୍ରଙ୍କର କବିତା ଓ ଗଳ୍ପ ପ୍ରଗତିବାଦୀ ପର୍ବର ସମକାଳରେ ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ଓ ପରେ ପରେ ବିନୋଦ ଚନ୍ଦ୍ର ନାୟକ, କୁଜବିହାରୀ ଦାଶ ପ୍ରମୁଖ କବିତା ରଚନା କଲେ। ମାନସିଂହଙ୍କ କବିତା ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟବୋଧ, ଜାତୀୟତାବୋଧ ଓ ମାନବ-ବନ୍ଦନାର ମାର୍ମିକ ଆଲେଖ୍ୟ। ରାଧାମୋହନ ଗଡ଼ନାୟକ ଜଣେ ବିଶିଷ୍ଟ ଗାଥା କବି। ତାଙ୍କ କବିତାରେ ମଧ୍ୟ ଜାତୀୟତାବୋଧ ଓ ମାନବ-ବନ୍ଦନା ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି। ସଚ୍ଚିଦାନନ୍ଦ ରାଉତରାୟ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟ ସ୍ୱାଧୀନତାର ବହୁ ପୂର୍ବରୁ କବିତା ଲେଖା ଆସୁଥିଲେ। ସ୍ୱାଧୀନତା ପରେ ମଧ୍ୟ ସେମାନେ କବିତା ଲେଖିଅଛନ୍ତି। ସଚ୍ଚିଦାନନ୍ଦ ପ୍ରଗତିବାଦୀ କବିତା ରଚନାରୁ ଗତି କଲେ ପ୍ରୟୋଗବାଦୀ କବିତା ରଚନା କ୍ଷେତ୍ରକୁ। 'ପଲ୍ଲୀଶ୍ରୀ', 'ଅଭିଯାନ', 'ଭାନୁମତୀର ଦେଶ', 'ବାଜିରାଉତ', 'ପାଣ୍ଡୁଲିପି' ଆଦି ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ପୁସ୍ତକ।

ସ୍ୱାଧୀନତା ପୂର୍ବରୁ କାହ୍ନୁଚରଣ ମହାନ୍ତି ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ଆବିର୍ଭୁତ ରଚନା କଲେ - ବାଲି ରାଜା', 'ହା'ଅନ୍ନ', 'ପଳାତକ', 'ଶାସ୍ତି' ଆଦି ଉପନ୍ୟାସ। ସ୍ୱାଧୀନତା ପରେ ମଧ୍ୟ ସେ ପ୍ରକାଶ କଲେ। 'ଝଞ୍ଜା', 'ବକ୍ରବାହୁ', 'ତମସା ତୀରେ', 'ଛୁଟିଲେ ଘଟ', 'ମେଲାଣି ମାଗୁଣି' ଆଦି ଉପନ୍ୟାସ। ସ୍ୱାଧୀନତା ପୂର୍ବରୁ ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ପ୍ରାଣବନ୍ଧୁକର ମଧ୍ୟ ଗଳ୍ପ ରଚନା କରିଥଲେ। ସ୍ୱାଧୀନତା ପରେ ମଧ୍ୟ ସେମାନେ ଗଳ୍ପ ରଚନା କରିଛନ୍ତି। ରାଜକିଶୋର ପଟ୍ଟନାୟକ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ପରିଚିତ। ଅନନ୍ତ ପ୍ରସାଦ ପଣ୍ଡା, ରାମ ପ୍ରସାଦ ସିଂହ, ଚକ୍ରଧର ମହାପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆହୁରି କେତେ ଜଣ ଗଳ୍ପ ଓ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। ସ୍ୱାଧୀନତା ଲାଭ ପରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ହେଲା। ଉନ୍ମେଷ। ଏହି ସମୟରେ ସମାଜ ଅପେକ୍ଷା ବ୍ୟକ୍ତି- ମଣିଷଟି ପ୍ରାଧାନ୍ୟ ଲାଭ କଲା। ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପି'ରେ ଆଧୁନିକ ଚେତନାର ଯେଉଁ ରୂପ ଅଙ୍କନ କରିଥିଲେ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ନୂତନ ରୂପରେ ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର, ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା ଶତପଥୀ ପ୍ରମୁଖଙ୍କ କବିତାରେ ପ୍ରକାଶ ପାଇଲା। ଅପରପକ୍ଷରେ ପ୍ରଗତିବାଦୀ ଆଭିମୁଖ୍ୟକୁ ନେଇ ଅନନ୍ତ ପଟ୍ଟନାୟକ, ରବି ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ ପ୍ରମୁଖ ରଚନା କଲେ କବିତା।

ସ୍ୱାଧୀନତା ପୂର୍ବରୁ ଗୋପୀନାଥ ମହାନ୍ତି, ରମ୍ୟା ରଚନା ଓ ଉପନ୍ୟାସ ଲେଖି ଆସୁଥିଲେ। ଆଦିବାସୀ ଜୀବନଧାରାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରଥମେ ଗୋପାଳବଲ୍ଲଭ ଦାସ ରଚନା କରିଥିଲେ 'ଭୀମା, ଭୂୟାଁ" ଉପନ୍ୟାସ। ଗୋପୀନାଥ ମହାନ୍ତି ସେହି ଧାରାରେ ଆପଣାର ଦକ୍ଷତା ପ୍ରଦର୍ଶନ କଲେ। ତାଙ୍କର 'ଦାଦିବୁଢ଼ା', 'ପରଜା', 'ଅମୃତର ସନ୍ତାନ', 'ଶିବଭାଇ', 'ଅପହଞ୍ଚ', 'ଅନାମ' ଆଦି ଆଦିବାସୀ ଜୀବନଧାରାକୁ ନେଇ ରଚିତ ଉପନ୍ୟାସ। ଏହା ବ୍ୟତୀତ 'ହରିଜନ' ' ରାହୁର ଛାୟା', 'ଦାନାପାଣି', 'ମାଟିମଟାଳ', 'ଆକାଶ ସୁନ୍ଦେରୀ', ବୃନ୍ଧାଏ। ପାଣି, ଆଦି ତାଙ୍କର ଉପନ୍ୟାସ ଓ 'ଘାସ ଫୁଲ', 'ଉଡ଼ନ୍ତା ଖଇ', 'ଗୁପ୍ତଗଙ୍ଗା' ଆଦି ତାଙ୍କର ଗଳ୍ପ ପୁସ୍ତକ। ସୁରେନ୍ଦ୍ର ମହାନ୍ତି ମଧ୍ୟ ସ୍ୱାଧୀନତା ପୂର୍ବରୁ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ଓ ସ୍ୱାଧୀନତା ପରେ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଲେଖା ଚାଲିଥିଲେ। 'ବଧୁ ଓ ପ୍ରିୟା' 'ଅନ୍ଧ ଦିଗନ୍ତ', ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସଂଧ୍ୟା', 'ହ୍ୟସଗତି', 'କାଳାନ୍ତର', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ମହାନଗରୀରେ ରାତ୍ରି', 'ଓଃ କାଲକାଟା', 'ଦୁଇ ସୀମାନ୍ତ', 'କବି ଓ ନର୍ତ୍ତକୀ', 'ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ', 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' ଆଦି ତାଙ୍କର ଗଳ୍ପ ପୁସ୍ତକ। ସେ ମଧ୍ୟ ଜଣେ ସମାଲୋଚକ, ପ୍ରାବନ୍ଧିକ, ଆତ୍ମ କାହାଣୀ ଓ ଭ୍ରମଣକାହାଣୀ ଲେଖକ ଭାବରେ ସୁପରିଚିତ। ସ୍ୱାଧୀନତା ପରେ ଅନ୍ୟାନ୍ୟ କଥାକାରମାନଙ୍କ ମଧ୍ୟରେ ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ। ସ୍ୱାଧୀନତା ପରବର୍ତ୍ତୀ କାଳରେ ଭୂବନେଶ୍ୱର ବେହେରା ଜଣେ ଉଚ୍ଚକୋଟୀର ରମ୍ୟରଚକ, ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭାବରେ ଆପଣାର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଓ କବିତା ରଚନା କରି ଯଶସ୍ୱୀ ହୋଇଥିବା ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ନିରବଚ୍ଛିନ୍ନ ଭାବରେ କବିତା, ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା ଲେଖିଛନ୍ତି। 'ଝଙ୍କାର' ପତ୍ରିକା ମାଧ୍ୟମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ନବ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ।


ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬


## 'ନୀରବତାରେ ଶାନ୍ତି'

ଡାକ୍ତର ରାମ ପ୍ରସାଦ ରାୟ

ନିରବତାର ଶକ୍ତି ଅପାର। ଏହା ଉଭୟ ମନ ଓ ତନ ପାଇଁ ଭଲ। କେହି ଜଣେ କହିଥିଲେ ନିରବତା ମଧ୍ୟରୁ ସମସ୍ତ ସୃଷ୍ଟି। ନିରବତାର ଶୂନ୍ୟତା ମଧ୍ୟରୁ ସବୁକିଛି ଜନ୍ମ ନିଏ। ନିରବତାର ସ୍ୱର ସବୁଠାରୁ ଶକ୍ତିଶାଳୀ। ତେଣୁ ନିରବତାର ଜୟଗାନ ପାଇଁ ନିରବ ଦିବସର ସୃଷ୍ଟି। ବୌଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ଅନୁପ୍ରାଣିତ ଜଣେ ମାର୍କିନ୍ ଶିଳ୍ପପତି, କିଛି ବର୍ଷ ତଳେ ସ୍ୱଦେଶରେ ସେପ୍ଟେମ୍ବର ତେରରେ ଏହି ଦିବସ ପାଳନ ଆରମ୍ଭ କରିଥିଲେ। ଆଜିର ମଣିଷ କୋଳାହଳପୂର୍ଣ୍ଣ ବାତାବରଣର ଶିକାର। ଏଭଳି ସ୍ଥିତିରେ ସାମଗ୍ରିକ ଶାନ୍ତି ପାଇଁ ଆସନ୍ତୁ ତୁନିରହି ପାଳନ କରିବା ଏହି ଦିବସ।

ପରମାତ୍ମା ବା ବ୍ରହ୍ମ ହେଉଛନ୍ତି ପରମ ଶାନ୍ତ, ସମ୍ପୂର୍ଣ୍ଣ ମୌନ। ଆତ୍ମା ଶାନ୍ତ। ଶାନ୍ତି ମୌନ। ଆତ୍ମା ମୌନ। ମୌନ ହେଉଛି ବ୍ରହ୍ମଙ୍କ ଭାଷା। ମୌନ ହେଉଛି ହୃଦୟର ଭାଷା। ମୌନ ହେଉଛି ଋଷିଙ୍କର ଭାଷା। ମୌନ ହେଉଛି ଏକ ଅପାର ଶକ୍ତି। ମୌନ ଏକ ବିରାଟ ବାଗ୍ମିତା। ନିରବ ରହିବାର ବ୍ରତକୁ ମୌନ କୁହାଯାଏ। ମୌନ ନାନା ପ୍ରକାରର। କଥା କହିବାରେ ସଂଯମ ରକ୍ଷା କରିବାକୁ ବାଙମୌନ ବୋଲାଯାଏ। ବାଗ୍ ଇନ୍ଦ୍ରିୟକୁ ନିଶ୍ଚଳ ରଖିଲେ ବାଙ୍‌ମୌନ ପାଳିତ ହୁଏ। ବୃଥା ବାକ୍ୟାଳାପ ଓ ଅଯଥା ଆଲୋଚନାରେ ଶକ୍ତି କ୍ଷୟ ହୁଏ। କିନ୍ତୁ ସାଂସାରିକ ଲୋକେ ଏହା ହୃଦୟଙ୍ଗମ କରିପାରନ୍ତି ନାହିଁ। ମୌନ ଶକ୍ତି ସଂରକ୍ଷଣ କର; ସେହି ସଂରକ୍ଷିତ ଶକ୍ତି ଦ୍ୱାରା ଆପଣ ଅଧିକ ପରିମାଣରେ ମାନସିକ ତଥା ଶାରୀରିକ କାର୍ଯ୍ୟ କରିପାରିବେ; ବହୁ ପରିମାଣରେ ଧ୍ୟାନ ମଧ୍ୟ କରିପାରିବେ। ମୌନ ମସ୍ତିଷ୍କ ତଥା ସ୍ନାୟୁ-ମଣ୍ଡଳକୁ ଚମତ୍କାର ଭାବରେ ଶାନ୍ତଶୀତଳ କରିଦିଏ। ମୌନବ୍ରତ ଧରିଲେ ବାକଶକ୍ତି ଧୀରେ ଧୀରେ ଓଜଃଶକ୍ତିରେ ବା ଆଧ୍ୟାତ୍ମିକ ଶକ୍ତିରେ ବଦଳିଯାଏ। ମୌନ ମନୋବଳ ବିକାଶ କରେ, ସଂକଳ୍ପର ବଳକୁ ସଂଯତ କରେ, ବାକର ଆବେଗକୁ ହ୍ରାସ କରେ ଏବଂ ମାନସିକ ଶାନ୍ତି ପ୍ରଦାନ କରେ। ମୌନ ଅବଲମ୍ବନ କଲେ, ସହନଶୀଳ ହେବାକୁ ଶକ୍ତି ମିଳେ। ମୌନର ମିଥ୍ୟ କହିବାର ସୁଯୋଗ ରହେ ନାହିଁ। ବାକ-ସଂଯମ କରିହୁଏ।

ମନକୁ ନିର୍ମଳ ଓ ପବିତ୍ର ରଖି ଧ୍ୟାନ କରନ୍ତୁ। ପ୍ରଶାନ୍ତ ହୋଇ ରହନ୍ତୁ ଏବଂ ଜାଣନ୍ତୁ ଯେ, ଆପଣ ପରମାତ୍ମାଙ୍କର ଅଂଶ ବିଶେଷ। ମନକୁ ସ୍ଥିର କରନ୍ତୁ। ବିକ୍ଷୁବ୍ଧ ଚିନ୍ତା ଓ ଉଦବେଳିତ ଆବେଗକୁ ଶାନ୍ତ-ନିରବ କରିଦିଅନ୍ତୁ। ଅନ୍ତରର ଗଭୀରତମ ପ୍ରଦେଶରେ ନିମଜ୍ଜିତ ହୋଇଯାଆନ୍ତୁ। ଏବଂ ମହାନ ମୌନ ଉପଭୋଗ କରନ୍ତୁ। ଅତି ରହସ୍ୟମୟ ସେହି ମୌନ। ସେହି ଅଗାଧ ମୌନ ଭିତରେ ପ୍ରବେଶ କରିଯାଆନ୍ତୁ। ସେହି ଅନନ୍ତ ମୌନକୁ ହୃଦୟଙ୍ଗମ କରନ୍ତୁ। ସ୍ୱୟଂ ସେହି ଅସୀମ ମୌନରେ ପରିଣତ ହୋଇଯାଆନ୍ତୁ। ଜଣେ ମହାମୌନୀ ହୋଇଯାଆନ୍ତୁ। ଏହି ଧୂଳିର ଧରଣୀରେ ଏହି ଜୀବଦ୍ଦଶାରେ ଭଗବତ-ସାକ୍ଷାତକାର ପ୍ରାପ୍ତ ହୁଅନ୍ତୁ।


ଦୂରଭାଷ : ୮୨୬୦୪୦୮୮୩୬

## PGCIL Field Engineer Recruitment 2025

Power Grid Corporation of India Limited (PGCIL) has given a recruitment notification for the recruitment of Field Engineer and Field Supervisor post vacancies. Those candidates who are interested in the vacancy details and fill all the eligibility criteria can read the notification and apply online.

No. of Vacancies: 1543

Last Date: 17/09/2025

PGCIL Recruitment 2025
Vacancy Details:

Vacancy details of Power Grid Corporation of India Limited (PGCIL) Field Engineer and Field Supervisor Recruitment 2025 are as follows

| Trade Name | No. of Posts | Pay Scale |
|---|---|---|
| Field Engineer (Electrical) | 532 | Rs. 30,000/- to Rs. 1,20,000/- PM |
| Field Engineer (Civil) | 198 | Rs. 30,000/- to Rs. 1,20,000/- PM |
| Field Supervisor (Electrical) | 535 | Rs. 30,000/- to Rs. 1,20,000/- PM |
| Field Supervisor (Civil) | 193 | Rs. 30,000/- to Rs. 1,20,000/- PM |
| Field Supervisor (Electronics & Communication) | 85 | Rs. 30,000/- to Rs. 1,20,000/- PM |

Educational Qualification:

The Minimum Educational Qualification required for PGCIL Recruitment 2025 for the above post vacancies is given below

Field Engineer (Electrical): Full-time B.E. / B.Tech. / B.Sc. (Engg.) in Electrical discipline or equivalent discipline from a recognized University / Institute with minimum 55% marks.

Field Engineer (Civil): Full-time B.E. / B.Tech. / B.Sc. (Engg.) in Civil discipline or equivalent discipline from a recognized University / Institute with minimum 55% marks.

Field Supervisor (Electrical): Full-time Diploma in Electrical discipline or equivalent discipline from a recognized Technical Board / Institute with minimum 55% marks.

Field Supervisor (Civil): Full-time Diploma in Civil discipline or equivalent discipline from a recognized Technical Board / Institute with minimum 55% marks.

Field Supervisor (Electronics & Communication): Full-time Diploma in Electrical / Electronics & Communication / Information Technology discipline or equivalent discipline from a recognized Technical Board / Institute with minimum 55% marks.

Age Limit:

Candidates should meet the following Age Limit for PGCIL Recruitment 2025 for the above executive post vacancies.

Upper Age Limit for the above posts: 29 Years

Age Relaxation is applicable as per the rules.

Application Fee:

Candidates have to pay the following Application Fee for Power Grid Corporation of India Limited (PGCIL) Recruitment 2025 for the above executive post vacancies.

For Field Engineer Post Vacancies: Rs. 400/-

For Field Supervisor Post Vacancies: Rs. 300/-

For SC / ST / PwBD / ExSM Candidates: Nil

Payment Mode: Online Gateway

Important Dates:

Here are the important dates for the above post recruitment in PGCIL Recruitment 2025

Date of Notification: 27/08/2025

Starting Date to Apply Online: 27/08/2025

Starting Date for Payment of Application Fee: 27/08/2025

Last Date to Apply Online: 17/09/2025

Last Date for Payment of Application Fee: 17/09/2025

୨୦୦୧ ତୁଳନାରେ ଏବେ କର୍ମଜୀବୀ ମହିଳାମାନଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଛି । କିନ୍ତୁ ସେମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳୁଛି । ଏହି ସଂସ୍ଥା ଅନୁସାରେ ମହିଳାମାନେ ପୂର୍ବ ଅପେକ୍ଷା ଏବେ ସପ୍ତାହକୁ ୩୫ ମିନିଟ୍ ଅଧିକ କାମ କରୁଛନ୍ତି । ବିଶେଷକରି ଯୁବା ମହିଳାମାନଙ୍କ ସାପ୍ତାହିକ ଶ୍ରମ ଅଧିକ । କିନ୍ତୁ ପାରିଶ୍ରମିକ କମ୍ ।




# ପୁରୁଷଙ୍କ ତୁଳନାରେ ମହିଳାଙ୍କ ବେତନ କମ୍

ଘରେ ବାହାରେ ସବୁଠାରେ ମହିଳାଙ୍କୁ ଅଧିକ ସୁବିଧା ମିଳୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଚର୍ଚ୍ଚାକୁ ଦେଖି ଏମିତି ଲାଗୁଛି ଯେ ସତେ ଯେମିତି ପରିବାରଠାରୁ ଆରମ୍ଭ କରି ରାଜନୈତିକ ଦଳ ଯାଏ ସମସ୍ତେ ମହିଳାଙ୍କ ସୁଖ-ସୁବିଧାକୁ ନେଇ ଖୁବ୍ ଚିନ୍ତିତ । କିନ୍ତୁ ବାସ୍ତବତା ଆଦୌ ତାହା ନୁହେଁ । ବରଂ ସୁବିଧା ପରିବର୍ତ୍ତେ ଦାୟିତ୍ୱ ବଢାଇ ଦିଆଯାଉଛି, ଯାହାଦ୍ୱାରା ସେ କ୍ରମଶଃ ଚାପି ହୋଇଚାଲିଛି ଦାୟିତ୍ୱ ଭାର ତଳେ ।

ମହିଳାଙ୍କ ବ୍ୟବହାରିକ ଜୀବନର ଅନୁଭବ ରଖୁଥିବା ସାମାଜିକ ସଂଗଠନର ଗବେଷଣା ଅନୁସାରେ ମହିଳାଙ୍କୁ ଆବଶ୍ୟକ ସୁବିଧାଠାରୁ ବଞ୍ଚିତ ରଖାଯାଉଛି । ଯେପରିକି ସମାନ କାମ କରିବା ପରେ ମଧ୍ୟ ପୁରୁଷ ସହକର୍ମୀଙ୍କ ତୁଳନାରେ କମ୍ ? ବେତନ ମିଳିଥାଏ । କିନ୍ତୁ କାମର ବୋଝ ଦିନକୁ ଦିନ ବଢିଚାଲିଛି ।

**ବଢ଼ିଚାଲିଛି କାମର ବୋଝ**

ଅବଶ୍ୟ ଏହି ସ୍ଥିତି କେବଳ ଆମ ଦେଶରେ ନୁହେଁ, ବରଂ ସାରା ବିଶ୍ୱରେ ଦେଖିବାକୁ ମିଳୁଛି । ଅବଶ୍ୟ ଏଭଳି ଚିନ୍ତାଧାରା ବିକଶିତ ତଥା ଆଧୁନିକ ଚିନ୍ତାଧାରା ରଖୁଥିବା ଦେଶ ବ୍ରିଟେନ୍ ଓ ଆମେରିକା ତଥା ଅବିକଶିତ ଏବଂ ବିକାଶଶୀଳ ଦେଶରେ ମଧ୍ୟ ସମାନ ସ୍ଥିତି । ବ୍ରିଟେନ୍‌ର ଏକ ସଂସ୍ଥା ରିଜୋଲେଶନ୍ ଫାଉଣ୍ଡେସନ୍‌ର ଗବେଷଣା ଅନୁସାରେ ୨୦୦୧ ତୁଳନାରେ ଏବେ କର୍ମଜୀବୀ ମହିଳାମାନଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଛି । କିନ୍ତୁ ସେମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳୁଛି । ଏହି ସଂସ୍ଥା ଅନୁସାରେ ମହିଳାମାନେ ପୂର୍ବ ଅପେକ୍ଷା ଏବେ ସପ୍ତାହକୁ ୩୫ ମିନିଟ୍ ଅଧିକ କାମ କରୁଛନ୍ତି । ବିଶେଷକରି ଯୁବା ମହିଳାମାନଙ୍କ ସାପ୍ତାହିକ ଶ୍ରମ ଅଧିକ । କିନ୍ତୁ ପାରିଶ୍ରମିକ କମ୍ ।

ଅକ୍ସଫେମ୍ ଦ୍ୱାରା କରାଯାଇଥିବା ରିପୋର୍ଟ ଅନୁସାରେ ଭାରତର ସହର ଓ ଗ୍ରାମାଞ୍ଚଳରେ ପୁରୁଷମାନେ ଘରୋଇ କାମ ପାଇଁ ନିୟମିତ ପ୍ରତିଶତ ୩୦ ମିନିଟ୍ ସମୟ ଦେଉଥିବା ବେଳେ ମହିଳାମାନେ ପ୍ରାୟ ୫ ଘଣ୍ଟା । ପିଲା ଓ ବୟସ୍କଙ୍କ ଦେଖାରଖା ଏବଂ ଘରୋଇ କାମ ପରେ ମହିଳାମାନଙ୍କ ପାଖରେ ସମୟ ନଥାଏ । ତେଣୁ ସେମାନେ ନିଜର ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀରେ ଉନ୍ନତୀ ଆଣିବାକୁ ସମୟ ବାହାର କରିପାରି ନଥାନ୍ତି । ଫଳରେ ସେମାନେ ନିଜକୁ ଆର୍ଥିକ ଭାବେ ସମୃଦ୍ଧ କରିବା ପରିବର୍ତ୍ତେ ପୁରୁଷଙ୍କ ଉପରେ ନିର୍ଭରଶୀଳ ରହିଥାନ୍ତି ।

**ନିଜକୁ ସାବ୍ୟସ୍ତ କରିବାକୁ ଚାହାନ୍ତି**

ଘର ହେଉ ଅବା ଅଫିସ୍ ନିଜକୁ ସକ୍ଷମ ଓ ସକ୍ରିୟ ସାବ୍ୟସ୍ତ କରିବାକୁ ମହିଳାମାନେ ଅଧିକ କାମ କରିଥାନ୍ତି । ସେମାନେ ଭାବିଥାନ୍ତି ଯେ ଏପରି କରିବା ଦ୍ୱାରା ନିଜର ପ୍ରତିଷ୍ଠା ବଢାଇବା ସହ ଅତିରିକ୍ତ ଆମଦାନୀ ହୋଇପାରିବ, ଯାହାଦ୍ୱାରା ପତି, ପିଲାମାନେ ଏବଂ ଘରର ଅନ୍ୟ ସଦସ୍ୟଙ୍କ ଉପରେ ଭଲ ପ୍ରଭାବ ପଡିଥାଏ । କିନ୍ତୁ ଏହାଦ୍ୱାରା ମହିଳାଙ୍କର ବିଶେଷ କିଛି ଲାଭ ହୋଇ ନଥାଏ ।

**ବଢୁଛି ଆର୍ଥିକ ଅସମାନତା**

ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ରିପୋର୍ଟ ଅନୁସାରେ ଭାରତର ମହିଳା ଓ ପୁରୁଷଙ୍କ ଆର୍ଥିକ ଅସମାନତା ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଏହି ମାମଲାରେ ଭାରତର ସ୍ଥାନ ୧୧୨ରେ ରହିଛି । ରିପୋର୍ଟ ଅନୁସାରେ ଲିଙ୍ଗଗତ ଅସମାନତା ଦୃଷ୍ଟିରୁ ସର୍ବାଗ୍ରେ ରହିଛି ଆଇସ୍‌ଲ୍ୟାଣ୍ଡ ।

**ମାତୃତ୍ୱକାଳୀନ ଛୁଟି**

କର୍ମଜୀବୀ ମହିଳାମାନଙ୍କୁ ୨୬ ସପ୍ତାହର ମାତୃତ୍ୱକାଳୀନ ଛୁଟି ଦେଉଛନ୍ତି କେନ୍ଦ୍ର ସରକାର । ଏହି ଛୁଟି ବୈତନିକ । ଏବେ ବିଭିନ୍ନ ଷ୍ଟାର୍ଟଅପ୍ କମ୍ପାନୀ ଓ ଛୋଟ ଛୋଟ କମ୍ପାନୀ ମଧ୍ୟ ଏହି ଛୁଟି ଦେଲେଣି । ନୂଆ ଆଇନ ପରେ ୫୩ ପ୍ରତିଶତ କମ୍ପାନୀ ମାତୃତ୍ୱ ଲାଭ ଛୁଟି ଦେବାରୁ ବଞ୍ଚିବା ରହିବା ପାଇଁ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ଚାକିରିରେ ରଖିବାକୁ ବେଶି ପସନ୍ଦ କରୁଛନ୍ତି । କମ୍ ? ବଜେଟ୍ ?ରେ ଚାଲୁଥିବା ଷ୍ଟାର୍ଟଅପ୍‌ଗୁଡିକ ପାଇଁ ୨୬ ସପ୍ତାହ ସବୈତନିକ ଛୁଟି ଏକ ପ୍ରକାରର ଆର୍ଥିକ ବୋଝ ହୋଇପଡିଲାଣି । କେବଳ ସେତିକି ନୁହେଁ ଗର୍ଭପାତ ସମୟରେ ମଧ୍ୟ ମହିଳାମାନଙ୍କୁ ମାନସିକ ଓ ଶାରିରୀକ ପୀଡା ହୋଇଥାଏ । କିନ୍ତୁ ମହିଳାମାନେ ଲୋକଲଜ୍ଜା କାରଣରୁ ଏହି ସୁବିଧା ନେଇ ନଥାନ୍ତି ।

**ଘରୋଇ ହିଂସା**

ଅକ୍ସଫେମ୍ ଦ୍ୱାରା କରାଯାଇଥିବା ଏକ ସର୍ଭେରେ କୁହାଯାଇଛି ସ୍ୱାମୀଙ୍କ ଦ୍ୱାରା ମାଡ଼ ଖାଇବା ଓ ଘରୋଇ ହିଂସା ଭାରତରେ ଖୁବ୍ ସାଧାରଣ କଥା । ଉତ୍ତର ଭାରତର କିଛି ରାଜ୍ୟରେ କରାଯାଇଥିବା ଏକ ସର୍ଭେରେ ୧୧୦୭ଟି ଘରକୁ ସାମିଲ୍ କରାଯାଇଥିଲା । ସେଥିରୁ ଜଣାପଡିଥିଲା ଯେ ପୁରୁଷଙ୍କ କଥା ନ ମାନିବା ଦ୍ୱାରା ୨୪.୩ ପ୍ରତିଶତ ମହିଳାଙ୍କୁ ମାଡ଼ ଖାଇବାକୁ ପଡିଥାଏ । ସେହିପରି ୪୨.୬ ପ୍ରତିଶତଙ୍କୁ ଗାଳିଗୁଲଜ ଶୁଣିବାକୁ ପଡିଥାଏ । ସ୍ୱାମୀଙ୍କ ବିନା ପରାମର୍ଶରେ ଟଙ୍କା ଖର୍ଚ୍ଚ କରିବା ଦ୍ୱାରା ୪୨ ପ୍ରତିଶତ ମହିଳାଙ୍କୁ କ୍ରୋଧର ଶିକାର ହେବାକୁ ପଡିଥାଏ । ପିଲାଙ୍କର ଠିକ୍ ଭାବେ ଦେଖାଶୁଣା ନ କରିବା ଦ୍ୱାରା ୩୩ ପ୍ରତିଶତ ମହିଳା ମାଡ଼ ଖାଇଥାନ୍ତି । ଏପରିକି ୬୦.୬ ପ୍ରତିଶତ ମହିଳାଙ୍କୁ ବିଭିନ୍ନ କାରଣ ପାଇଁ ଗାଳି ଶୁଣିବାକୁ ପଡିଥାଏ ।

## IBPS RRB Recruitment 2025

IBPS CRP RRB-XIV: Office Assistants & Officers Scale-I, II & III

The Institute of Banking Personnel Selection (IBPS) has released the IBPS CRP RRB-XIV Recruitment 2025 notification for various posts in different Regional Rural Banks (RRBs) across India. Interested candidates fulfilling the eligibility criteria can read the notification and apply online.

Total Vacancies: 13,217

Last Date to Apply: 21/09/2025

Vacancy Details

| Post Name | No. of Posts |
|---|---|
| Office Assistant (Multipurpose) | 7972 |
| Officer Scale-I (AM) | 3907 |
| Officer Scale-II (Agriculture Officer) | 50 |
| Officer Scale-II (Law) | 48 |
| Officer Scale-II (CA) | 69 |
| Officer Scale-II (IT) | 87 |
| Officer Scale-II (General Banking) | 854 |
| Officer Scale-II (Marketing Officer) | 15 |
| Officer Scale-II (Treasury Manager) | 16 |
| Officer Scale-III | 199 |

Educational Qualification

The minimum educational qualification required for the posts is as follows:

Office Assistant: Bachelor's degree in any discipline from a recognized University.

Officer Scale-I (Assistant Manager): Bachelor's degree in any discipline; preference for Agriculture, Horticulture, IT, Management, Law, Economics, Accountancy, etc.

Officer Scale-II (General Banking Officer): Bachelor's degree with 50% marks; preference for Banking, Finance, Marketing, IT, Management, Law, Economics, Accountancy, etc.

Officer Scale-II Specialist Officers: IT, CA, Law, Treasury Manager, Marketing Officer, Agriculture Officer – respective qualifications as per notification.

Officer Scale-III (Senior Manager): Bachelor's degree with 50% marks; preference as above.

Age Limit

Office Assistant: 18-28 years (Born between 02/09/1997 and 01/09/2007)

Officer Scale-I: 18-30 years (Born between 02/09/1995 and 01/09/2007)

Officer Scale-II: 21-32 years (Born between 02/09/1993 and 01/09/2004)

Officer Scale-III: 21-40 years (Born between 02/09/1985 and 01/09/2004)

Age relaxation is applicable as per government rules.

Application Fee

Others: Rs. 850/- (Inclusive of GST)

SC/ST/PWD: Rs. 175/- (Inclusive of GST)

Payment Mode: Debit/Credit Cards, Internet Banking, IMPS, Cash Cards, Mobile Wallets.

Important Dates

Notification Date: 01/09/2025

Online Application Start: 01/09/2025

Last Date to Apply Online: 21/09/2025

Payment of Fee: 01/09/2025 – 21/09/2025

Pre-Exam Training: November 2025

Preliminary Exam: November / December 2025

Preliminary Results: December 2025 / January 2026

Online Exam – Main/Single: January 2026

## OMFED Recruitment 2025

The Odisha State Co-operative Milk Producer Federation Limited (OMFED) has issued a recruitment notification for various posts on a contractual basis. Eligible candidates who meet the required criteria can apply by submitting their applications before the last date.

Vacancy Details

| Post Name | No. of Posts | Remuneration |
|---|---|---|
| General Manager (P&I) | 01 | Negotiable |
| General Manager (Marketing) | 01 | Negotiable |
| Deputy General Manager (Dairy Operation) | 01 | Negotiable |
| Deputy Manager (CFP) | 02 | Negotiable |

Eligibility Criteria

General Manager (P&I): B.V.Sc. & AH / B.Sc. (Agri) / B.Tech (Dairy / Food Technology) / PG in relevant field / PGDRM / MBA.

General Manager (Marketing): B.Tech (Engg.) / B.E. / B.Tech (Dairy / Food Technology) / Degree in Business Administration / PG in relevant field (preferably MBA in Marketing / PGDRM).

Deputy General Manager (Dairy Operation): Full-time B.Tech in Dairy Technology / Food Technology / B.Tech / B.E. (Mechanical / Electrical / Instrumentation) or PG in relevant field or PGDRM / MBA (Operations Management).

Deputy Manager (CFP): B.Tech / B.E. (Mechanical / Electrical / Instrumentation) or PG in relevant field with MBA in Operations / Production Management.

Age Limit

Maximum Age of the Candidates: 45 Years

Age relaxation is applicable as per Government rules.

Application Fee

Candidates do not have to pay any Application Fee for the OMFED Recruitment 2025.

Important Dates

Last Date for Receiving of Application Form: 15/09/2025

How to Apply

Interested eligible candidates may apply in the prescribed Application Format and submit the same duly filled in and signed along with the proof of documents in a cover superscribed "APPLICATION FOR THE POST OF _____" which should reach:

Incharge (HR), OMFED, D-2, Sahid Nagar, Bhubaneswar-751007, Odisha

on or before 15/09/2025.

The application along with the requisite documents can also be submitted through e-mail at hrd@omfed.com or by post.

## IB Junior Intelligence Officer Recruitment 2025

The Intelligence Bureau (IB) has given a recruitment notification for the recruitment of Junior Intelligence Officer Grade-II / Tech vacancies in the Intelligence Bureau (Ministry of Home Affairs), Government of India. Those candidates who are interested in the vacancy details and fill all the eligibility criteria can read the notification and apply online.

No. of Vacancies: 394

Last Date: 14/09/2025

IB Junior Intelligence Officer Recruitment 2025

Vacancy Details:

The vacancy details for the Intelligence Bureau (IB) Junior Intelligence Officer Grade-II / Tech Recruitment 2025 are as follows

| Post Name | No. of Posts | Pay Scale |
|---|---|---|
| Junior Intelligence Officer | 394 | Rs. 25,500/- to Rs. 81,100/- PM |

Educational Qualification:

Candidates should have the following minimum educational qualifications for the Junior Intelligence Officer Grade-II / Tech Recruitment 2025 in the Intelligence Bureau (IB)

Candidates must possess Diploma in Enginerring in the fields of Electronics or Electronics & Telecommunication or Electronics & Communication or Electrical & Electronics or Information Technology or Computer Science or Computer Engineering or Computer Applications from a Government recognized University / Institute. OR Bachelor's Degree in Science with Electronics or Computer Science or Physics or Mathematics from a Government recognized University / Institute. OR Bachelor's Degree in Computer Applications from a Government recognized University / Institute.

Age Limit:

Candidates should have the following age limit for the IB Junior Intelligence Officer Recruitment 2025.

Minimum Age of the Candidates: 18 Years

Maximum Age of the Candidates: 27 Years

Age relaxation is applicable as per the Government rules.

Examination Fee:

Candidates have to pay the following application fee for the Junior Intelligence Officer-II / Tech posts in the Intelligence Bureau (IB) of India.

For Male Candidates of UR / EWS / OBC Categories: Rs. 650/-

For All Other Candidates: Rs. 550/-

Payment Mode (Online): Through Online/ Offline by using Debit Cards (RuPay/ Visa/ MasterCard/ Maestro), Credit Cards, Internet Banking, UPI, SBI Challan, etc.

Important Dates:

Here are the important dates for the IB Junior Intelligence Officer Recruitment 2025

Starting Date for Apply Online: 23/08/2025

Starting Date for Payment of Application Fee: 23/08/2025

Last Date to Apply Online: 14/09/2025

Last Date for Payment of Application Fee Through SBI Challan: 16/09/2025

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ମୋକଦ୍ଦମା ନୋଟିସ୍ ଜାରି କଲେ ଜୟପୁର ତହସିଲଦାର

**ଜୟପୁର:** ଜୟପୁର ସେବା କାଗଜ କଳ ର ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ କମ୍ପାନୀ ମ୍ୟାନେଜମେଂଟ ଗ୍ରାଚ୍ୟୁଇଟି ପାଉଣା ଦେବାରୁ ଦୀର୍ଘ ବର୍ଷ ଧରି ବଂଚିତ କରିବା ଯୋଗୁଁ ଅବସରପ୍ରା ଶ୍ରମିକ ମାନେ କାଗଜ କଳ ଶ୍ରମିକ ସଂଘ ର ସଭାପତି ପ୍ରମୋଦ କୁମାର ମହାନ୍ତି ଙ୍କ ପ୍ରତିନିଧିତ୍ୱ ରେ ଏବଂ ବରିଷ୍ଠ ଶ୍ରମିକ ନେତା ବସନ୍ତ କୁମାର ବେହେରା ଙ୍କ ସହାୟତା ରେ ଗ୍ରାଚ୍ୟୁଇଟି ଆଇନ୍ ଅନୁଯାୟୀ ଡିଏଲସି ଙ୍କ ଅଦାଲତରେ ମାମଲା ଦାୟର କରିଥିଲେ। ପ୍ରଥମ ଦଫାରେ ୧୯ ଜଣ ଅବସରପ୍ରାପ୍ତ ଶ୍ରମିକ ଙ୍କ ଶୁଣାଣି କରି ଡିଏଲସି ଗ୍ରାଚ୍ୟୁଇଟି ଏକ ବିଧିବଦ୍ଧ ଆଇନଗତ ପାଉଣା ହୋଇଥିବାରୁ ଶ୍ରମିକ ମାନଙ୍କୁ ତୁରନ୍ତ ଦେବା ପାଇଁ ଆଦେଶ ଜାରି କରିଥିଲେ। ୨୦୨୩ ର ଆଦେଶ କୁ ଅଣଦେଖା କରିବା ଯୋଗୁଁ ଓପିଡିଆର୍ ଆଇନ୍ ଅନୁଯାୟୀ ଡିଏଲସି ଜିଲ୍ଲାପାଳଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ । ଜିଲ୍ଲାପାଳ ଗ୍ରାଚ୍ୟୁଇଟି ପାଉଣା ଦଶ ଲକ୍ଷ ରୁ କମ୍ ହୋଇଥିବାରୁ ତହସିଲଦାର ଙ୍କ ଅଦାଲତକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜୟପୁର ତହସିଲଦାର ଓପିଡିଆର୍ ଆଇନ୍ ଅନୁଯାୟୀ ଅଧିକାର ପ୍ରାପ୍ତି ପାଇଁ ଜିଲାପାଳଙ୍କ ଅନୁମତି ଲୋଡ଼ିଥିଲେ ଏବଂ ଜିଲ୍ଲାପାଳ ଅଧିକାର ସମ୍ବଳିତ ପତ୍ର ଦେବା ପରେ ଜୟପୁର ତହସିଲଦାର ଆଇନ୍ ଅନୁଯାୟୀ ଦଲିଲ୍ ପ୍ରସ୍ତୁତ କରି ଆଜି ମୋକଦ୍ଦମା ନୋଟିସ୍ ଜାରି କରିଛନ୍ତି। ଏକ ମାସ ମଧ୍ୟରେ ଗ୍ରାଚ୍ୟୁଇଟି ପାଉଣା ଦେବା ପାଇଁ ନିଜର ମତାମତ ଜଣାଇବା ପାଇଁ ନୋଟିସ ରେ ଉଲ୍ଲେଖ ରହିଛି। ତାହା ସହ ନିର୍ଦ୍ଦେଶ ଜାରି ହୋଇଛି ଯେ , ମୋକଦ୍ଦମା ନୋଟିସ୍ କାଳରେ କମ୍ପାନୀ ର କୈାଣସି ସମ୍ପତି ବିକ୍ରି ହୋଇପାରିବ ନାହିଁ, କମ୍ପାନୀ ଭିତରୁ ମଧ୍ୟ କୈାଣସି ପଦାର୍ଥ ବାହାରକୁ ଯାଇ ପାରିବ ନାହିଁ। ସେହିଭଳି କୈାଣସି ସ୍ଥାବର ସମ୍ପତି ବିକ୍ରି ହୋଇପାରିବ ନାହିଁ। ଦୀର୍ଘ ୨୦୧୮ ରୁ ଅବସରପ୍ରାପ୍ତ ଶ୍ରମିକ ମାନେ ଗ୍ରାଚ୍ୟୁଇଟି ପାଉଣା ଏବଂ ଅନ୍ୟ ପାଉଣା ପାଇବାରୁ ବଂଚିତ ହୋଇ ରହିଛନ୍ତି। ଏଥି ମଧ୍ୟରେ ୪୩ ଜଣ ଶ୍ରମିକ ମୃତ୍ୟୁ ବରଣ କଲେଣି। କାର୍ଯ୍ୟରତ ଶ୍ରମିକ ଓ ଠିକା ଶ୍ରମିକ ମାନେ ଆଜିକୁ ୧୪ ମାସର ଦରମା ପାଇ ନାହାଁନ୍ତି।

## ସମ୍ବଲପୁରରେ ଆଗାମୀ ପିଢିର ଜିଏସଟି ସଂସ୍କାରର ସବିଶେଷ ତଥ୍ୟ ରଖିଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର:** ଜିଏସଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତି । ୫୬ତମ ଜିଏସଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବା ସହ ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ ବୋଲି ଶୁକ୍ରବାର 'ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ' ପକ୍ଷରୁ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ "କନଭେସନ ଅନ୍ ଜିଏସଟି ରିଫର୍ମ - ୨୦୨୫" କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପ୍ରେଜେଣ୍ଟେସନ ମାଧ୍ୟମରେ ଟିକସ ପ୍ରକ୍ରିୟା ସରଳୀକରଣ ଦ୍ୱାରା ମୋଦୀ ସରକାରରେ ଆସିଥିବା ଅଭୁତପୂର୍ବ ପରିବର୍ତ୍ତନ ଏବଂ ଓଡ଼ିଶାକୁ ମିଳିବାକୁ ଥିବା ଲାଭ ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । ସବିଶେଷ ତଥ୍ୟ ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଦାୟିତ୍ୱ ନେବା ପରେ ୨୦୧୭ରେ ଜିଏସଟି ଲାଗୁ କରାଗଲା । ସେ ସମୟରେ ସ୍ତମ୍ଭକାରଙ୍କ ସମେତ ଅନେକ ବୁଦ୍ଧିଜୀବୀ ମୋଦୀଙ୍କ ନିଷ୍ପତିକୁ ସମାଲୋଚନା କଲେ । ତେବେ ଦେଶରେ 'ୱାନ ନେସନ, ୱାନ ଟ୍ୟାକ୍ସ'କୁ ପରବର୍ତ୍ତୀ ସମୟରେ ସବୁ ବର୍ଗର ଲୋକମାନେ ସାଗତ କରିଥିଲେ । ମୋଦୀ ସରକାରରେ ଜିଏସଟି ପ୍ରକ୍ରିୟାରେ ସଂସ୍କାର ଓ ଜିଏସଟି ହାରରେ

**ଜିଏସଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତି**

ସରଳୀକରଣ ପ୍ରମୁଖ ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହ ସହଜ ଜୀବନଯାପନର ଏକ ନୂଆ ଯୁଗ ଆରମ୍ଭ କରିବ ।

ସେ ଆହୁରି କହିଛନ୍ତି ଯେ ଭାରତ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି । ଆଗାମୀ ଦୁଇରୁ ୩ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ । ସେ ଆହୁରି କହିଛନ୍ତି ଯେ



ପୂର୍ବରୁ ଅର୍ଥନୀତିକୁ ବୁଝିବାକୁ ହେଲେ ରପ୍ତାନୀ ଓ ଆମଦାନୀକୁ ବୁଝିବାକୁ ହେବ । ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି । ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି । ସେହିପରି ୨୦୧୯ରେ ଦେଶରେ ପ୍ରାୟ ୪.୯ କୋଟି ନିବେଶକ ଥିଲେ । ଏହି ସଂଖ୍ୟା ୫ ବର୍ଷରେ ୩ ଗୁଣା ବଢି ୧୩.୨ କୋଟି ହୋଇଛି । ଏହା ହିଁ ଜିଏସଟି କ୍ରିୟାନ୍ୱୟନର ବଡ ଉପଲବ୍ଧି ।

ସେ ଆହୁରି କହିଛନ୍ତି ଯେ ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା । ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି । ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧.୦୩ କୋଟି ହୋଇଛି । ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି । ମୁଦ୍ରା ସ୍ଥିତି ନିୟନ୍ତ୍ରଣ ହୋଇଛି । ୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢି ୨୨ ଲକ୍ଷ କୋଟି ହୋଇଛି । ପ୍ରତି ମାସରେ ହାରାହାରି ୨ ଲକ୍ଷ କୋଟି ଟଙ୍କା ଜିଏସଟି ଆଦାୟ ହେଉଛି । ଏହାର ଶ୍ରେୟ ଭାରତର ଉପଭୋକ୍ତା, ବ୍ୟବସାୟୀଙ୍କୁ ଯିବ । ନିକଟରେ ଡୋଲୋଏଟର ଏକ ସର୍ଭେ କରିଥିଲା, ଯେଉଁଥିରେ ୮୫% ବୃହତ୍ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ବର୍ଗର ବ୍ୟବସାୟୀମାନେ ଜିଏସଟି କ୍ରିୟାନ୍ୱୟନକୁ ନେଇ ସନ୍ତୋଷପ୍ରକାଶ କରିଥିଲେ ।

## ପାଚିକା ଓ ସହାୟକଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଜିଲ୍ଲା ସିଟୁ ଜିଲ୍ଲା କମିଟି ତରଫରୁ ପାଚିକା ଓ ସହାୟକ ଙ୍କ ତରଫରୁ ୧୯ ଦଫା ସମ୍ବଳିତ ଦାବୀ ପତ୍ର ଜିଲ୍ଲା ଶିକ୍ଷାଧିକାରୀ ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

**୧୯ ଦଫା ଦାବି**

ବାଲେଶ୍ୱର ରେଲୱେ ଷ୍ଟେସନ ରୁ ଏକ ପଟୁଆର ରେ ବାହାରି ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ପାଚିକା ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ରାଉତ ଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପାଚିକା ସଂଘ ର ରାଜ୍ୟ




ସମ୍ପାଦକ ଇଶାନି ଷଡଙ୍ଗୀ ପାଚିକା ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସିଟୁ ର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ପାଚିକା ମାନଙ୍କୁ କିଭଳି ଭାବେ ଡବଲ ଇଞ୍ଜିନ ସରକାର ବେଠି ଖଟାଉଛନ୍ତି ଅଭିଯୋଗ କରି ସରକାରଙ୍କୁ ଆଲୋଚନା କରିଥିଲେ। ପାଚିକା ମାନଙ୍କୁ ମାସିକ ୨୬ ହଜାର ଟଙ୍କା ଦରମା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବୀ ହେଉ ଥିବା ବେଳେ ସରକାର ମାତ୍ର ତିନି ହଜାର ଟଙ୍କା ପ୍ରଦାନ କରୁଛନ୍ତି । ସିଟୁ ନେତା ରାଜକିଶୋର ଲେଙ୍କା, ପୂର୍ଣ୍ଣିମା ବେହେରା, କନକ ବେହେରା, ମଞ୍ଜୁଲତା ଦାସ, କଳ୍ପନା ଦାସ, ଅଚିନ୍ତ୍ୟ ମହାନ୍ତି, ରାମନାଥ ରଣା ଙ୍କ ସମେତ ବହୁ ସାଥୀ ନେତୃତ୍ୱ ନେଇଥିଲେ। ଯଦି ସରକାର ଦାବୀ ପୂରଣ ନ କରନ୍ତି ,ତେବେ ସିଟୁ ତରଫରୁ ପାଚିକା ସଂଘ ରୋଷେଇ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ମହିଳା ଓ ଶିଶୁ ବିକାଶ ବିଭାଗର ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନ, ଡ଼ଃ ପ୍ରମୋଦ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଡିଏସଡବ୍ଲ୍ୟୁଓ ସୁଷମା ମହାନ୍ତି, ମମତା ପିଏମ୍‌ୱିଓ୍ୱାଇ ମନୋରଞ୍ଜନ ଦାସ, ସମସ୍ତ ସିଡିପିଓ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ସୁଭଦ୍ରା ଯୋଜନାର ତଦନ୍ତର ଅଗ୍ରଗତି, ବ୍ୟାଙ୍କ ଏବଂ ଇ-କେଓ୍ୱାସିର ସମସ୍ୟାଗୁଡ଼ିକୁ ତ୍ୱରିତ ସମାଧାନ କରିବା, ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାର ସଫଳ ରୂପାୟନ, ମୋବାଇଲ ଆପ ମାଧ୍ୟମରେ ଗର୍ଭବତୀ ମହିଳାମାନଙ୍କର ତ୍ୱରିତ ପଞ୍ଜିକରଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୋଷଣ କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାରେ ଥିବା ଦୁର୍ବଳ ଶିଶୁଙ୍କୁ ସଠିକ ଭାବରେ ଚିହ୍ନଟ କରି ଚିକିତ୍ସା କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ ଏବଂ ଚିକିତ୍ସାରେ ତ୍ରୁଟି ହେଲେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।



*ନୂଆଦିଲ୍ଲୀଠାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ*

## ନିଷ୍ଟ କଲେଜରୁ ଚୋରି ମାମଲାର ୨ ଗିରଫ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ସହର ଉପକଣ୍ଠ ନିଷ୍ଟ କଲେଜ ରେ ଗତକାଲି ସାଉଣ୍ଡ ସିଷ୍ଟମ ର ଏମ୍ପ୍ଲିଫେୟାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାର ତଦନ୍ତ କରି ଟାଉନ ଥାନା ପୋଲିସ ଆଜି ଅପରାହ୍ନ ୪ ଟାରେ ଦୁଇଜଣ ଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ଏମ୍ପ୍ଲିଫେୟାର ଓ ଗୋଟିଏ ଚୋରି ରନ୍ଧନ ଗ୍ୟାସ ଟ୍ୟାଙ୍କି କୁ ଜବତ କରିଛି ।ଗିରଫ ମାନେ ହେଲେ ଟାଉନ ଥାନା ମିର୍ଜା ପୋଖରୀ ସୁଇପର କଲୋନୀ ର ଟିଲିଲି ବେହେରା ଅନ୍ୟଜଣେ କଂଗ୍ରେସ ଅଫିସ ଲେନ ର ମୋହନ ବେହେରା ।



## ପିସି-ପିଏନଡିଟି ଆକ୍ଟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

**ବାରିପଦା:** ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମ କାନ୍ତ ସୟଙ୍କ ଅଧ୍ୟକ୍ଷତା ରେ ପିସିପିଏନଡ଼ିଟି ଆକ୍ଟର ଉପଯୁକ୍ତ କାର୍ଯ୍ୟକାରିତା ଉପରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଲିଙ୍ଗ ନିରୂପଣକୁ କିଭଳି କଡାକଡି ଭାବରେ ରୋକାଯାଇପାରିବ ସେଥିପାଇଁ ଗୁରୁତର ସହ ଧ୍ୟାନ ଦେବାକୁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ଉକ୍ତ ବୈଠକରେ କାର୍ଯ୍ୟକ୍ଷମ ଥିବା ପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକର ସମୀକ୍ଷା କରାଯାଇଥିଲା ଓ ବୈଠକରେ ନୂତନ କ୍ଲିନିକ ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ ହୋଇଥିବା ଦରଖାସ୍ତ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଓ ବୈଠକରେ ପୂର୍ବ ବୈଠକର ବିବରଣୀ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା ଓ ନୂତନ ଅଲଟ୍ରା ସାଉଣ୍ଡ କ୍ଲିନିକ ପାଇଁ ଆବେଦନ କରିଥିବା ଦରଖାସ୍ତ ଏବଂ ନବୀକରଣ ପାଇଁ ଆବେଦନ କରିଥିବା ଦରଖାସ୍ତ ଗୁଡିକ ପ୍ରମାଣ ପତ୍ର ପାଇଁ କମିଟିରେ ଉପସ୍ଥାପନ କରାଯାଇଥିଲା।

ଲିଙ୍ଗ ନିରୂପଣକୁ ରୋକିବା ଦିଗରେ କ୍ଲିନିକ ଗୁଡିକରେ ଅଚାନକ ତନଖି କାର୍ଯ୍ୟ ନିୟମିତ ଭାବରେ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଜିଲ୍ଲାର ଜନସାଧାରଣ କିପରି ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ ସେଥି ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ,ପରିବାର କଲ୍ୟାଣ ଅଧିକାରୀ ଡା. ସୁନନ୍ଦା ମିଶ୍ର, ଡା. ସୁଯୋଗ ନାୟକ, ଡା. ହରିଶ୍ଚନ୍ଦ୍ର ସାହୁ, ଡିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଶ୍ରୀ ଭରତପତି ମହାବିଦ୍ୟାଳୟ ବିସିଏ ବିଭାଗ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ପାତ୍ରପୁର:** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀ ଭରତ ପତି ମହାବିଦ୍ୟାଳୟ ବିସିଏ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ବିଭାଗୀୟ ଶ୍ରେଣୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଗିରିଶ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ମୁଖ୍ୟ ପରିଚାଳକ ସହଦେବ ପ୍ରଧାନ,ସୁଧାକର ବିଷୋୟୀ, ଡ଼. ରମେଶ ଚନ୍ଦ୍ର ସାହୁ,ସତ୍ୟ ନାରାୟଣ ପତି,, ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ବଳରାମ ପ୍ରଧାନ, ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ରଛାତ୍ରୀ ନୂତନଙ୍କୁ ସ୍ୱାଗତ କରିଥିବା ବେଳେ ନବାଗତ ମାନେ ନିଜ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଭାଗର କାର୍ଯ୍ୟ ସମ୍ପର୍କରେ ସାଲିନୀ ପ୍ରଧାନ ଓ ଜି. ଗାୟତ୍ରୀ ତଥ୍ୟ ପ୍ରଦାନ କରିଥିବା ବେଳେ ସୋନାଲି ପ୍ରଧାନ ଓ ଶର୍ମିଷ୍ଠା ପ୍ରଧାନ ସଂଯୋଜନା କରିଥିଲେ । ମଧ୍ୟାହ୍ନ ଭୋଜନ ପରେ ନବାଗତ ଛାତ୍ରଛାତ୍ରୀଙ୍କୁ ଉପହାର ବଣ୍ଟନ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିସିଏ ବିଭାଗର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା ରେ ବିଶେଷ ସହଯୋଗ କରିଥିଲେ ।

## ଏକଦିବସୀୟ ସମୂହ ବୃକ୍ଷରୋପଣ କାର୍ଯକ୍ରମ

**ରାୟଗଡା (ମାନିସ):** ମାଁ ଙ୍କ ନାମ ରେ ଗଛଟିଏ ଉଦ୍ଧେଶ୍ୟ ରେ ଚଳିତ ମାସ ୧୭.୦୯.୨୦୨୫ ରେ ହେବାକୁ ଥିବା ଏକ ଦିବସିୟ ସମୂହ ବୃକ୍ଷ ରୋପଣ କାର୍ଯକ୍ରମ ସକାଶେ ରାୟଗଡା ବନାଞ୍ଚଳ ତରଫରୁ ରାୟଗଡା ବନାଞ୍ଚଳ ର ବିଭିନ୍ନ ଗ୍ରାମ ପଞ୍ଚାୟତ ଯଥା- ଜିମିଡିପେଟା, ହାଟ-ଶେଷଖାଲ, ଡାଙ୍ଗଲୋଡି, ତାଡମା, ଗୁମ୍ମା ପଞ୍ଚାୟତ କୁ ୫୦୦ ଲେଖାଏଁ ବିଭିନ୍ନ କିସମ ର ଚାରା ହଁସା କେନ୍ଦ୍ରୀୟ ନର୍ସରି ଓ ଲଡ୍ଡୁ ଅସ୍ଥାୟୀ ନର୍ସରି ରୁ ବଣ୍ଟନ କରାଯାଇଥିଲା ଏବଂ ୦୧.୦୯.୨୦୨୫ ରୁ ୧୦.୦୯.୨୦୨୫ ମଧ୍ୟରେ ରାୟଗଡା ପଞ୍ଚାୟତ ସମିତି ର ୨୭ ଗୋଟି ପଂଚାୟତ ଏବଂ କୋଲନର। ପଞ୍ଚାୟତ ସମିତି ଅଧୀନରେ ରେ ଥିବା ୧୨ ଗୋଟି ପଞ୍ଚାୟତ ପିଛା ୫୦୦ ଗୋଟି ବିଭିନ୍ନ କିସମ ର ଚାରା ରେଙ୍ଗାଲପାଡୁ ଅସ୍ଥାୟୀ ନର୍ସରି, ହଁସା କେନ୍ଦ୍ରୀୟ ନର୍ସରି ଓ ଲଡ୍ଡୁ ଅସ୍ଥାୟୀ ନର୍ସରି ଯୋଗାଇ ଦିଆଯାଇଥିଲା । ଏହି କାର୍ଯକ୍ରମ ରେ ଏକ ଶୋଭାଯାତ୍ରା ର ଆୟୋଜନ କରାଯାଇଥିଲା ଓ ଚାରା ବଣ୍ଟନ ସହ ଜନ-ସଚେତନ କରାଯାଇଥିଲା । ଏହି କାର୍ଯକ୍ରମ କୁ ଶ୍ରୀ ଅଶୋକ କୁମାର ପ୍ରଧାନ, ଉପ ବନ ସଂରକ୍ଷକ, ରାୟଗଡା ବନଖଣ୍ଡ ସବୁଜ ପତାକା ଦେଖାଇ ସବୁଜ ରଥ ର ଶୁଭାରମ୍ଭ କରିଥିଲେ । ଶ୍ରୀ କମେଶ୍ୱର ଆଚାରୀ, ବନାଞ୍ଚଳ ଅଧିକାରୀ, ରାୟଗଡା ଏହାକୁ ସୁ-ପରିଚାଳନା କରିଥିଲେ ।

## ଉଦଘାଟନ ପୂର୍ବରୁ ବୈରବି-ସୈରାଙ୍ଗ ରେଳ ଲାଇନର କ୍ଷେତ୍ରୀୟ ନିରୀକ୍ଷଣ କଲେ ଅଶ୍ୱିନୀ ବୈଷ୍ଣବ

**ସମ୍ବଲପୁର:** ଭାରତୀ ସମାଜ ପକ୍ଷରୁ ଯୁଯୋମୁରା ବ୍ଲକ କବରାପାଲି ସ୍ଥିତ ତୁରୀପଡା ଠାରେ ତୁରୀ ସମାଜର ଇତିହାସ ସଂସ୍କୃତି ଏବଂ ଜୀବନ ଶୈଳୀକୁ ନେଇ ଏକ ସମନ୍ୱୟ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାରତୀ ସମାଜର ସଂଚାଳକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତୁରୀ ପରିବାର ଗୁଡ଼ିକର ଇତିହାସ ଓ ସଂସ୍କୃତି ଉପରେ ଅଧ୍ୟୟନ କରାଯାଇଥିଲା। ବାଉଁଶରୁ ତିଆରୀ ସାମଗ୍ରୀ ନିର୍ମାଣ କରି ପେଟ ପୋଷୁଥିବା ତୁରୀ ସମାଜ ବର୍ତ୍ତମାନ ସମୟରେ ବାଉଁଶର ଅଭାବ ଯୋଗୁଁ ନିଜ ପାରମ୍ପାରିକ କାମ ଛାଡି କୃଷୀ ଏବଂ ନିର୍ମାଣ ଶ୍ରମିକ ଭାବେ କାମ କରିବାକୁ ବାଧ୍ୟ ହୋଇଥିବା ଲୋକ ମାନେ ଏହି ଅବସରରେ ଅଭିଯୋଗ କରିଛନ୍ତି । କାର ?୍ୟକ୍ରମରେ ତୁରୀ ସମାଜର ପୁରୁଣା କାରିଗର ଗୁଲାପି ବାଗ କହିଛନ୍ତି ଯେ, ପୂର୍ବରୁ ପରିବାରର ଚାରିଜଣ ବାଉଁଶ କାମ କରୁଥିବା ବେଳେ ଗୋଟିଏ ବର୍ଷ ହେବ ଘରେ ବାଉଁଶ କାମ ବନ୍ଦ ହୋଇ ଗଲାଣି । ଜଙ୍ଗଲରୁ ଆଗଭଳି ଆଉ କେହି ବାଉଁଶ କାଟି ଆଣିବାକୁ ରାଜି ହେଉ ନାହାନ୍ତି । ବନ ବିଭାଗର କଟକଣା ସାଙ୍ଗକୁ ବାଉଁଶ କାମରେ ସେତିକି ଲାଭ ହେଉନଥିବାରୁ ପଡାରେ ବସବାସ କରୁଥିବା ୩୫ ପରିବାର ମଧ୍ୟରୁ କେବଳ ପାଂଚ ଛଅ ପରିବାର ହିଁ ଏବେ ବାଉଁଶ କାମ କରୁଛନ୍ତି । ଅନ୍ୟ ପକ୍ଷରେ ଆଧୁନିକତାର ଚାପରେ ପାରମ୍ପାରିକ ସାମଗ୍ରୀର ଚାହିଦା କମିବାରେ ଲାଗିଛଇ । ପରିଶ୍ରମ ତୁଳନାରେ ବାଉଁଶ ସାମଗ୍ରୀ ବିକ୍ରୀରୁ ସେତିକି ଲାଭ ହେଉନଥିବା ତୁରୀ କାରିଗର ଜୟନ୍ତୀ ବାଗ କହିଛନ୍ତି । ସେହିପରି ଉନ୍ନତ ତାଲିମ ଏବଂ ବଜାରର ଅଭାବ ତୁରୀ ଜାତୀର ଯୁବ ପିଢୀକୁ ବାଉଁଶ କାମ ପାଇଁ ଆକର୍ଷିତ କରିପାରୁନଥିବା ଯଶୋବନ୍ତୀ ବାଗ କହିଛନ୍ତି । ଆଗରୁ ଲୋକେ ବଜାର ଏବଂ ଗାଁ ଗାଁ ବୁଲି ସାମଗ୍ରୀ ବିକ୍ରୀ କରୁଥିଲେ । ଯାହା ବର୍ତ୍ତମାନର ଯୁବପିଢି କରିବାକୁ ଆଗ୍ରହୀ ନୁହନ୍ତି । ତେଣୁ ଆଧୁନିକ ଏବଂ ସୌକିନ ସମାଗ୍ରୀ ନିର୍ମାଣ ନେଇ ତାଲିମ ଦିଆଯାଇ ପାରିଲେ ଯୁବ ପିଢର ବାଉଁଶ କାମ ପାଇଁ ଆଗ୍ରହ ପ୍ରକାଶ କରି ପାରିବେ ବୋଲି ଯଶୋବନ୍ତୀ ପ୍ରକାଶ କରିଛନ୍ତି । ବାଉଁଶ କାମ ବନ୍ଦ ହେବା ପରେ ଅନେକ କୃଷୀ ଶ୍ରମିକ ଏବଂ ନିର୍ମାଣ ଶ୍ରମିକ



ଭାବେ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି । ଯାହାଦ୍ୱାରା ସେମାନେ ନିଜ ପାରମ୍ପାରିକ କଳା କୌଶଳ ଧିରେ ଧିରେ ହଜିବାକୁ ବସିଛି । ଅନ୍ୟ ପକ୍ଷରେ ବୃଦ୍ଧାବସ୍ଥାରେ ମଧ୍ୟ ପୂର୍ବରୁ ଲୋକେ ଘରେ ବସି ବାଁଉଶ କାମ କରି ପାରୁଥିଲେ । ତେବେ ବାଉଁଶ କାମ ବନ୍ଦ ହେବା ପରଠାରୁ ଘରର ବରିଷ୍ଠ ଲୋକ ମାନଙ୍କ ପାଖରେ କୌଣସି କାମ ନାହିଁ । କେବଳ ସରକାରଙ୍କ ତରଫରୁ ମିଳୁଥିବା ବାର୍ଦ୍ଧକ୍ୟ ଭତା ଉପରେ ସେମାନେ ନିର୍ଭର କରୁଛନ୍ତି । ଯାହାଦ୍ୱାରା ସେମାନଙ୍କ ସାମାଜିକ ଜୀବନ ମଧ୍ୟ ପ୍ରଭାବିତ ହେବାକୁ ବସିଛି । ପଶ୍ଚିମ ଓଡିଶାର ସମ୍ବଲପୁର, ଝାରସୁଗୁଡା, ବରଗଡ ଏବଂ ସୁନ୍ଦରଗଡ ଜିଲାରେ ସର୍ବାଧିକ ତୁରୀ ଜାତୀର ଲୋକ ବସବାସ କରିଥାନ୍ତି । ତେବେ ବର୍ତ୍ତମାନ ସମୟରେ ସ୍ଥାନୀୟ ଅଂଚଳରେ ବାଉଁଶର ଘୋର ଅଭାବ ଏବଂ ବାଉଁଶ ସାମଗ୍ରୀର ଚାହିଦା ନଥିବାରୁ ରହିଥିବା ବେଳେ ତୁରୀ ମାନଙ୍କ ପାରମ୍ପାରିକ କଳା ହଜିବାକୁ ବସିଛି । ଅନ୍ୟପକ୍ଷରେ ଯେଉଁ ତୁରୀ ପିଲା ମାନେ ପାଠପଢି ପାରୁଛନ୍ତି ସେମାନେ ଚାକିରୀ କିମ୍ବା ଅନ୍ୟ ବ୍ୟବସାୟରେ ଲାଗି ପଡୁଥିବା ପଡାର ଲୋକ କହିଥିଲେ । ଅନ୍ୟପକ୍ଷରେ କଳିତା ମଲ୍ଲିକ କହିଥିଲେ, ତୁରୀ ମାନେ ବିଭିନ୍ନ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି । ପ୍ରକୃତରେ ତୁରୀ ମାନେ ଜନଜାତୀ ସମ୍ପ୍ରଦାୟର ହୋଇଥିବା ବେଳେ ସେମାନଙ୍କୁ ଅନୁସୁଚିତ ଜାତି ତାଲିକାରେ ରଖାଯାଇଛି । ଯାହାଦ୍ୱାରା ତୁରୀ ମାନଙ୍କର ସତନ୍ତ୍ର ଭାଷା ସଂସ୍କୃତି ରହିଥିବା ସତ୍ତ୍ୱେ ଏହାପ୍ରତି କେହି ଦୃଷ୍ଟୀ ଦେଉ ନାହାନ୍ତି । ଯାହାଦ୍ୱରା ଆମର ପାରମ୍ପାରିକ ବୃତି ସହ ଭାଷା ସଂସ୍କୃତିବି ହଜି ବସିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ତୁରୀ ଭାଷା ସାନ୍ତାଲୀ ଭାଷାର ନିକଟ ତର ହୋଇଥିବା ବେଳେ ସାନ୍ତାଲୀ ଭାଷାକୁ ସରକାର ଗୁରୁତ୍ୱ ଦେଇ ସବୁ ପ୍ରକାର ସହଯୋଗ କରୁଥିବା ବେଳେ ତୁରୀ ଭାଷା ପ୍ରତି ସବୁ ସରକାର ଉଦାସୀନ ରହିଥିବା ସେ କ୍ଷୋଭ ପ୍ରକାଶ କରିଥିଲେ ।



## ଭିନ୍ନକ୍ଷମ ଅଧିକାର ଆଇନ ସଚେତନା କାର୍ଯ୍ୟକ୍ରମ




**ବ୍ରହ୍ମପୁର:(ମାନିସ):** ଶଶି ଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ଅଧିକାର ଆଇନ ସମ୍ପର୍କିତ ଏକ ସଚେତନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଗଣ୍ୟମାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି।

ମୁଖ୍ୟ ଅତିଥି ଭାବେ ରାଜ୍ୟ ଦିବ୍ୟାଙ୍ଗ କମିଶନର ଅଧ୍ୟକ୍ଷା ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ବ୍ରବତି ହରିଚନ୍ଦନ ଯୋଗଦାନ କରି ଆଇନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ା. ଚିତ୍ତରଞ୍ଜନ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ପାଢ଼ୀ ସ୍ୱାଗତ ଭାଷଣ ରଖିଥିଲେ। ଏହା ସହ ଏଡିଏମ ଦେବଦତ୍ତ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ ଜାତୀୟ ସମାଜ କଲ୍ୟାଣ ବିଭାଗର ପୂର୍ବତନ ସହ ନିର୍ଦ୍ଦେଶକ ରାଜ କୁମାର ଶର୍ମା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ଆଠଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଭିନ୍ନକ୍ଷମ ଅଧିକାର ଆଇନ ସମ୍ପର୍କରେ ସେମାନଙ୍କର ଜ୍ଞାନ ପ୍ରଦର୍ଶନ କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

**ଶେରଗଡ଼ ଓ କୁରୁଡ଼ାରେ ଅବକାରୀ ଚଢ଼ଉ**

## ୪୧.୫୦୦ କିଗ୍ରା ଗଞ୍ଜେଇ ଜବତ

**ବାଲେଶ୍ୱର(ମାନିସ):** ବାଲେଶ୍ୱର ଅବକାରୀ ବିଭାଗ ମୋବାଇଲ ଟିମ୍ ଗଞ୍ଜେଇ ଚୋରା ଚାଲାଣ ବେଳେ ଦୁଇଟି ସ୍ଥାନରେ ଚଡାଉ କରି ୪୧.୫୦୦ କିଗ୍ରା ଗଞ୍ଜେଇ ଜବତ କରିବା ସହ ତିନି ଜଣ ଅଭିଯୁକ୍ତ ଙ୍କୁ ଗିରଫ କରିଛି।

ସୂଚନା ଥାଉ କି,ଆଜି ଭୋର ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଶେରଗଡ଼ ଠାରେ ଅବକାରୀ ବିଭାଗ ମୋବାଇଲ ଟିମ ଗଞ୍ଜେଇ ଚୋରା ଚାଲାଣ ସଂପର୍କରେ ଖବର ପାଇ ଚଢ଼ାଉ କରିଥିଲା।ଏହି ଚଢ଼ାଉରେ ଓଡ଼-୦୨-ଉଗ-୩୪୨୯ ମାରୁତି ଭେନ୍ ରୁ ୨୧ କେଜି ଗଞ୍ଜେଇ ଜବତ କରିବା ସହ ଭେନ ର ଡ୍ରାଇଭର ଫୁଲବାଣୀ ଅଞ୍ଚଳର ଦଧିଚି ପାତ୍ର(୩୩),ବାଳକୃଷ୍ଣ ସାଇଁ(୪୪) ଙ୍କୁ ଗିରଫ କରାଯାଇଛି। ଏ ସଂପର୍କରେ ୨୨୯/୨୫,୨୬ ମୂଳେ ମାମଲା ରୁଜୁ ହୋଇଛି।ସେହିପରି ବାଲେଶ୍ୱର ସହର କୁ ପ୍ରବେଶ ପଥ ସଦର ଥାନା କୁରୁଡ଼ା ଛକ ଠାରେ ଏକ ଓଡ଼-୦୨ଇଜ-୭୩୬୬ ନମ୍ବର ହୁଣ୍ଡାଇ ସେଣ୍ଟ୍ରୋ କାର କୁ ଧରିବା ସହ କାର ଭିତରୁ ୨୦.୫୦୦ କିଗ୍ରା ଗଞ୍ଜେଇ ଜବତ କରିବା ସହ ଗାଡ଼ିର ଡ୍ରାଇଭର ଖୋର୍ଦ୍ଧା ଜଟଣୀ ର ପ୍ରତାପ କିଶୋର ବାରିକ(୪୧) ଗିରଫ କରିଛି ।ଅବକାରୀ ବିଭାଗ ପକ୍ଷରୁ ୨୩୦/୨୦୨୫,୨୬ ମୂଳେ ମାମଲା ରୁଜୁ ହୋଇଛି।



ମାତୃଭାଷା

# ଖେଳ ଖବର



## ସଚିନ ହେବେନି ବିସିସିଆଇ ସଭାପତି

*ସଚିନ୍‌ଙ୍କ ନାମରେ ଯାହା ଚର୍ଚ୍ଚା ହେଉଛି ସେଥିରେ କୌଣସି ସତ୍ୟତା ନାହିଁ । ସଚିନ୍‌ଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଏ ବିଷୟରେ କୁହାଯାଇଛି ।*



**ନୂଆଦିଲ୍ଲୀ,୧୨।୯:** ଆସନ୍ତା ୨୮ ତାରିଖରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଆୟୋଜିତ ହେବ । ବୈଠକରେ ରୋଜର ବିନ୍ନୀଙ୍କ ସ୍ଥାନରେ ବୋର୍ଡର ନୂଆ ସଭାପତି ନିର୍ବାଚିତ ହେବେ । କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ଏହି ଆସନ ଅଳଙ୍କୃତ କରିବେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଥିଲା । କିନ୍ତୁ ସଚିନ ସଭାପତି ହେବେ ନାହିଁ । ତାଙ୍କ ନାମରେ ଯାହା ଚର୍ଚ୍ଚା ହେଉଛି ସେଥିରେ କୌଣସି ସତ୍ୟତା ନାହିଁ । ସଚିନଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଏ ବିଷୟରେ କୁହାଯାଇଛି ।

ବିସିସିଆଇର ସମ୍ବିଧାନ ଅନୁସାରେ ୭୦ ବର୍ଷରୁ ଊର୍ଦ୍ଧ୍ୱର୍ ବ୍ୟକ୍ତି ବୋର୍ଡର କୌଣସି ପଦ ପଦବୀରେ ରହିପାରିବେ ନାହିଁ । ବିନ୍ନୀଙ୍କୁ ନିକଟରେ ୭୦ ବର୍ଷ ପୂରଣ ହୋଇ ସାରିଛି । ତେଣୁ ତାଙ୍କ ସ୍ଥାନରେ ନୂଆ ସଭାପତି ନିର୍ବାଚିତ ହେବେ । ତେବେ କିଏ ନୂଆ ସଭାପତି ହେବେ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

## ଅବସର ଚର୍ଚ୍ଚା ମଧ୍ୟରେ ରୋହିତ ଶେୟାର କଲେ ଭିଡିଓ

◆ ନେଟ୍ସରେ ବ୍ୟାଟିଂ ପ୍ରାକ୍ଟିସ କରୁଥିବା ଭିଡିଓ ପୋଷ୍ଟ କଲେ

◆ ଅଷ୍ଟ୍ରେଲିଆ ଗସ୍ତ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି



**ନୂଆଦିଲ୍ଲୀ,୧୨।୯:** ଭାରତୀୟ ଦଳ ବର୍ତ୍ତମାନ ଏସିଆ କପ ୨୦୨୫ ଖେଳିବାରେ ବ୍ୟସ୍ତ । ଏହା ଏଥର ଟି୨୦ ଫର୍ମାଟରେ ଖେଳାଯାଉଛି । ସେହି ସମୟରେ, ଟିମ ଇଣ୍ଡିଆ ପ୍ରଶଂସକମାନେ ଅକ୍ଟୋବର ମାସରେ ଅଷ୍ଟ୍ରେଲିଆ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଏହାର ସବୁଠାରୁ ବଡ଼ କାରଣ ହେଉଛି ଦିନିକିଆ ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି । ଦୁହେଁ ଚଳିତ ବର୍ଷ ଆରମ୍ଭରେ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫିରେ ସେମାନଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ । ସେହି ସମୟରେ, ବହୁତ ଦିନ ଧରି, ଦିନିକିଆ ଫର୍ମାଟରୁ ରୋହିତ ଶର୍ମାଙ୍କ ଅବସର ବିଷୟରେ ବହୁତ ଆଲୋଚନା ହେଉଥିଲା, ଯାହାକୁ ଏବେ ରୋହିତ ନିଜେ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ବିରାମ ଦେଇଛନ୍ତି ।

ଟିମ ଇଣ୍ଡିଆ ଆସନ୍ତା ମାସରେ ଅଷ୍ଟ୍ରେଲିଆ ଗସ୍ତ କରିବାକୁ ଯାଉଛି । ଏଠାରେ ଏକ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ, ଏଥିପାଇଁ ରୋହିତ ଶର୍ମା ଏବେଠାରୁ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏଥିରେ ସେ ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରୁଥିବା ତାଙ୍କର ଭିଡିଓ ପୋଷ୍ଟ କରିଛନ୍ତି । ଏହି ଭିଡିଓ ପୋଷ୍ଟ କରିବା ସମୟରେ, ରୋହିତ କ୍ୟାପସନରେ ଲେଖିଛନ୍ତି, ମୁଁ ପୁଣି ଏଠାରେ ଆସିଛି, ଏହା ପ୍ରକୃତରେ ଭଲ ଲାଗୁଛି । ଭାରତୀୟ ଦଳକୁ ୧୯ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଖେଳିବାକୁ ପଡିବ । ରୋହିତ ଶର୍ମାଙ୍କ ଏହି ସିରିଜରେ ଖେଳିବା ନିଶ୍ଚିତ ବୋଲି ବିବେଚନା କରାଯାଇପାରେ । ଏଥିରେ ସେ ଅଧିନାୟକତ୍ୱ ଦାୟିତ୍ୱ ତୁଲାଉଥିବାର ଦେଖାଯିବେ ।

୨୦୨୪ ଟି୨୦ ବିଶ୍ୱକପ ଜିତିବା ପରେ ରୋହିତ ଶର୍ମା ଟି୨୦ ଅନ୍ତର୍ଜାତୀୟରୁ ଅବସର ଘୋଷଣା କରିଥିଲେ, ସେ ମେ ୭ ୨୦୨୫ରେ ଟେଷ୍ଟରୁ ମଧ୍ୟ ତାଙ୍କର ଅବସର ଘୋଷଣା କରିଥିଲେ ।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମହିଳା ଅମ୍ପାୟାର ପରିଚାଳନା କରିବେ ମ୍ୟାଚ୍



**ଦୁବାଇ, ୧୨।୯:** ଆଗାମୀ ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ଆଇସିସି ପକ୍ଷରୁ ମ୍ୟାଚ୍ ଅଫିସିଆଲ୍ ତାଲିକା ଘୋଷଣା କରାଯାଇଛି । ଏଥର ଆଇସିସି ଏକ ଐତିହାସିକ ନିଷ୍ପତ୍ତି ନେଇଛି । ପ୍ରଥମ ଥର ଦିନିକିଆ ବିଶ୍ୱକପ୍ ମ୍ୟାଚ୍ ପରିଚାଳନା ପାଇଁ କେବଳ ମହିଳା ଅଫିସିଆଲ୍‌ଙ୍କୁ ନିଯୁକ୍ତ କରାଯାଇଛି । ପୂର୍ବରୁ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଶେଷ ୨ଟି ସଂସ୍କରଣରେ ମଧ୍ୟ ମହିଳା ଅଫିସିଆଲ୍‌ମାନେ ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ରହିଥିଲେ ।

ଦିନିକିଆ ବିଶ୍ୱକପ୍ ପାଇଁ ଘୋଷିତ ମ୍ୟାଚ୍ ଅଫିସିଆଲ୍ ତାଲିକାରେ ୪ଜଣ ମ୍ୟାଚ୍ ରେଫରୀ ଓ ୧୪ଜଣ ଅମ୍ପାୟାର ସ୍ଥାନ ପାଇଛନ୍ତି । ଭାରତର ଜିଏସ୍ ଲକ୍ଷ୍ମୀଙ୍କ ସମେତ ଟ୍ରୁଡି ଆଣ୍ଡରସନ୍, ସାନ୍ଦ୍ରେ ଫ୍ରିଜ୍ ଓ ମିଚେଲ ପେରେଇରା ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇବେ । ସେହିପରି କ୍ଲେୟର ପୋଲୋସାକ୍, ଜାକଲିନ୍ ୱିଲିୟମ୍ସ ଓ ସୁଇ ରେଡଫର୍ଣ୍ଣ ତୃତୀୟ ଥର ଏବଂ ଦକ୍ଷିଣ ଆଫ୍ରିକାର ଲାଉରେନ ଏଜେନବାଗ ଓ ନ୍ୟୁଜିଲାଣ୍ଡର କିମ୍ କଟନ ଦ୍ୱିତୀୟ ଥର ବିଶ୍ୱକପ୍‌ରେ ଅମ୍ପାୟାରିଂ କରିବାକୁ ଯାଉଛନ୍ତି । ଭାରତର ବ୍ରିନ୍ଦା ରାଠି ଓ ଗାୟତ୍ରୀ ଭେଣୁଗୋପାଳନ ମଧ୍ୟ ଅମ୍ପାୟାର ତାଲିକାରେ ସାମିଲ ରହିଛନ୍ତି । ଏଥର ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ବିଶ୍ୱକପ୍ ଆୟୋଜନ କରିବେ । ଆସନ୍ତା ୩୦ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ନଭେମ୍ବର ୨ ତାରିଖରେ ଶେଷ ହେବ ।

## ଓମାନକୁ ୧୬୧ ରନ୍ ଟାର୍ଗେଟ୍ ଦେଲା ପାକିସ୍ତାନ

**ଏସିଆ କପ୍ କ୍ରିକେଟ**



**ଦୁବାଇ, ୧୨।୯:** ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଆଜି ଖେଳାଯାଉଥିବା ଏସିଆ କପର ଏକ ମ୍ୟାଚରେ ଓମାନ ଆଗରେ ୧୬୧ ରନର ବିଜୟ ଲକ୍ଷ୍ୟ ରଖିଛି ପାକିସ୍ତାନ ।

ଏହି ମ୍ୟାଚରେ ପାକିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ କରିଥିଲା । ଦଳ ପକ୍ଷରୁ ମହମ୍ମଦ ହ୍ୟାରିସ ୬୬ ରନ କରିଥିବାବେଳେ ସାହିବଜାଦା ଫରହାନ ୨୯ ରନ ଓ ଫକର ଜମାନ ୨୩ ରନ କରିଥିଲେ । ସେହିପରି ମହମ୍ମଦ ନୱାଜ ୧୯ ରନକରିଥିଲେ । ଓମାନ ପକ୍ଷରୁ ଶାହ ଫୈଜଲ ଓ ଆମିର କଲିମ ୩ଟି ଲେଖାଏଁ ୱିକେଟ ନେଇଥିଲେ । ମହମ୍ମଦ ନଦୀମ ଗୋଟିଏ ୱିକେଟ ନେଇଥିଲେ ।

ଏସିଆ କପରେ ଆସନ୍ତା କାଲି ବାଂଲାଦେଶ ଶ୍ରୀଲଙ୍କାକୁ ଭେଟିବ । ସେହିପରି ଆସନ୍ତା ରବିବାର ଏସିଆ କପର ସବୁଠାରୁ ହାଇ ପ୍ରୋଫାଇଲ ମ୍ୟାଚ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ ।

## ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ଚମ୍ପିୟାନସିପରେ ଓଡ଼ିଶା ପୋଲିସକୁ ୫ ପଦକ

**ଭୁବନେଶ୍ୱର, ୧୨।୯:** ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ୧୪ ତମ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ଚମ୍ପିୟାନସିପ ୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡ଼ାବିତ (୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ) ବିଜୟୀ ହୋଇ ରାଜ୍ୟ ପୋଲିସକୁ ଗୌରବାନ୍ୱିତ କରିଛନ୍ତି । ଓଆଇଏସଏଫ୍, ଭୁବନେଶ୍ୱରରେ କାର୍ଯ୍ୟରତ କନଷ୍ଟେବଳ ବର୍ଷା ନାଥ ଭୋଭିନାମ ମାର୍ସଲ ଆର୍ଟ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିପରି କନଷ୍ଟେବଳ ବିଶ୍ୱଜିତ ରାଉତ ୮୧ କେଜି ବର୍ଗରୁ ଅଧିକ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ବରିଷ୍ଠ ବିଭାଗରେ ୧ଟି ସ୍ୱର୍ଣ୍ଣ ଏବଂ ଅସି ଚାଳନା ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । କନଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜି ରୁ ଅଧିକ ବର୍ଗ ଭୋଭିନାମ ମାର୍ସଲ ଆର୍ଟ ସିନିଅର ବିଭାଗରେ ୧ଟି ରୌପ୍ୟ ଏବଂ କାତା (କରାଟେ)ରେ ୧ଟି ରୌପ୍ୟ ପଦକ ହାସଲ କରି ଏକ ନୂତନ ମାଇଲ ଖୁଂଟ ସ୍ଥାପନ କରିଛନ୍ତି । କ୍ରୀଡ଼ାବିତଙ୍କ ଏହି ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଦୃଷ୍ଟିବାଧିତ ଭାରତୀୟ ମହିଳା ଟି୨୦ ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୪

ଭୁବନେଶ୍ୱର,୧୧।୯: ଆସନ୍ତା ନଭେମ୍ବର ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍ ପାଇଁ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି । ଦଳରେ ଓଡ଼ିଶାରୁ ୪ ଖେଳାଳି ସ୍ଥାନ ପାଇଛନ୍ତି । ସେମାନେ ହେଲେ ଯମୁନା ରାଣୀ ଟୁଡୁ, ବାସନ୍ତି ହାଂସଦା, ଫୁଲ ସୋରେନ ଓ ପାର୍ବତୀ ମାର୍ଣ୍ଡି ।

ଏଥିରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଓ ଆମେରିକା ଦଳ ଅଂଶଗ୍ରହଣ କରିବେ । ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ? ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଖେଳାଯିବ । ଟୁର୍ନାମେଣ୍ଟରେ ପାକିସ୍ତାନ ଖେଳିବାକୁ ଥିବାରୁ କାଠମାଣ୍ଡୁକୁ ତୃତୀୟ ଭେନ୍ୟୁ ଭାବେ ଚୟନ କରାଯାଇଥିଲା ।

ହେଲେ ବର୍ତ୍ତମାନ ନେପାଳରେ ଦେଖାଦେଇଥିବା ପରିସ୍ଥିତି କାରଣରୁ ବିକଳ୍ପ ଭେନ୍ୟୁ ଖୋଜା ଯାଉଛି । ଏହି ବିଶ୍ୱକପ୍‌ରେ ୨୧ଟି ଲିଗ୍ ମ୍ୟାଚ୍ ସହିତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ । ସମଗ୍ର ଦେଶରେ କରାଯାଇଥିବା ଖେଳାଳିଙ୍କ ଖୋଜା ପ୍ରକ୍ରିୟାରେ ୫୬ ଜଣଙ୍କୁ ଚୟନ କରାଯାଇଥିଲା । କଠିନ ଟ୍ରେନିଂ ଓ ଚୟନ ଶିବିର ପରେ ସେମାନଙ୍କ ମଧ୍ୟରୁ ୧୬ ଜଣିଆ ଦଳ ଘୋଷଣା କରାଯାଇଛି । ପୂର୍ବରୁ ୨୦୨୩ ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ଦୃଷ୍ଟି ବାଧିତ ମହିଳା ଗେମ୍ସ ପଦାର୍ପଣ କରିଥିବା ବେଳେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଥିଲା । ବି୧ କ୍ୟାଟେଗୋରି: ସିମୁ ଦାସ, ପି କରୁଣା କୁମାରୀ, ଅନୁ କୁମାରୀ, ଯମୁନା ରାଣୀ ଟୁଡୁ, କାଭ୍ୟା ଭି । ବି୨ କ୍ୟାଟେଗୋରି: ଅନେଖା ଦେବୀ, ବାସନ୍ତି ହାଂସଦା, ସିମରନଜୀତ କୌର, ସୁନିତା ସରାଥେ, ପାର୍ବତୀ ମାର୍ଣ୍ଡି । ବି୩ କ୍ୟାଟେଗୋରି: ଦୀପିକା ଟି ସି (ଅଧିନାୟିକା), ଫୁଲ ସୋରେନ, ଗଙ୍ଗା ଏସ୍ କଦମ (ଉପ ଅଧିନାୟିକା), କାଭ୍ୟା ଏନ୍ ଆର, ସୁଷମା ପଟେଲ, ଦୁର୍ଗା ୟେଭଲେ । ଖେଳାଳିଙ୍କ ପୂର୍ବ ପ୍ରଦର୍ଶନ ଆଧାରରେ ଅଧିନାୟିକା ଓ ଉପଅଧିନାୟିକା ଚୟନ କରାଯାଇଛି ।




## ପୂର୍ବତଟ ରେଳପଥ ହକି ଟିମ ବିଜେତା




**ଭୁବନେଶ୍ୱର, ୧୨।୯:** ପୂର୍ବ ତଟ ରେଳପଥ ହକି ଟିମ ଓଡ଼ିଶା ହକି ସଂଘ (HAO) ଦ୍ୱାରା ଆୟୋଜିତ ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍

● ଚତୁର୍ଥ ସିନିୟର ପୁରୁଷ ହକି ରାଜ୍ୟ ଚାମ୍ପିଅନସିପ୍

୨୦୨୫ ର ଟାଇଟଲ ବିଜେତା ହୋଇଛି । ୬ ରୁ ୧୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ଏହି ଚାମ୍ପିଅନସିପ୍ ରେ ରାଜ୍ୟର ୩୬ ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହା ଓଡ଼ିଶାର ହକି ପ୍ରତିଭାର ଗଭୀରତା ଓ ପ୍ରସାରକୁ ପ୍ରଦର୍ଶନ କରିଥିଲା ।

ସୁନ୍ଦରଗଡ଼ ଦଳ ବିପକ୍ଷରେ ହୋଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ, ପୂର୍ବତଟ ରେଳପଥ ହକି ଦଳ ତାଙ୍କ ପ୍ରେରଣାଦାୟକ ଅଧିନାୟକ ଶ୍ରୀ ଅମିତ ରୋହିଦାସଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲେ । ଶ୍ରୀ ରୋହିଦାସଙ୍କ ଉଲ୍ଲେଖନୀୟ ହ୍ୟାଟ୍-ଟ୍ରିକ୍ ଗୋଲ୍ ଦଳକୁ ଏକ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲା ।

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବାର ଏକ ସମୃଦ୍ଧ ପରମ୍ପରା ରହିଛି । ବର୍ଷ ବର୍ଷ ଧରି ଏହି ଜୋନର କ୍ରୀଡାବିତ୍ ମାନେ କେବଳ ଭାରତୀୟ ରେଳବାଇ ପାଇଁ ନୁହେଁ ବରଂ ଜାତୀୟ ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଏବଂ ଭାରତ ପାଇଁ ମଧ୍ୟ କ୍ରମାଗତ ଭାବରେ ଗୌରବ ଆଣିଛନ୍ତି ।

ଚତୁର୍ଥ ସିନିୟର ପୁରୁଷ HAO ହକି ରାଜ୍ୟ ଚାମ୍ପିଅନସିପ ୨୦୨୫ ରେ ଏହି ବିଜୟ ପୂର୍ବତଟ ରେଳପଥର କ୍ରୀଡା ଐତିହ୍ୟରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ଏବଂ କ୍ରୀଡ ।

● ଆସେସ ସିରିଜ ପୂର୍ବରୁ ମାଥ୍ୟୁ ହେଡେନ୍‌ଙ୍କ ବଡ଼ ଘୋଷଣା ●

## ରୁଟ୍ ଶତକ ନ ମାରିବେ ମୁଁ ଉଲଗ୍ନ ହୋଇ ବୁଲିବି



**ନୂଆଦିଲ୍ଲୀ,୧୨।୯:** ଆଗକୁ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଆଶେସ ସିରିଜ୍ ଖେଳାଯିବାକୁ ଅଛି । ନଭେମ୍ବରରେ ଇଂଲଣ୍ଡ ଅଷ୍ଟ୍ରେଲିଆ ଗସ୍ତ କରିବ । ଏଠାରେ ୨୧ରୁ ଆଶେସ ସିରିଜ ଆରମ୍ଭ ହେବ । ଏହି ସିରିଜ

**ନଭେମ୍ବରରେ ଇଂଲଣ୍ଡ ଅଷ୍ଟ୍ରେଲିଆ ଗସ୍ତ କରିବ । ଏଠାରେ ୨୧ରୁ ଆଶେସ ସିରିଜ ଆରମ୍ଭ ହେବ ।**

ପୂର୍ବରୁ ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ମାଥ୍ୟୁ ହେଡେନ ଏକ ବଡ଼ ଘୋଷଣା କରିଛନ୍ତି । ହେଡେନ କହିଛନ୍ତି, ଯଦି ଇଂଲଣ୍ଡର ଡ୍ୟାସିଂ ବ୍ୟାଟ୍ସମ୍ୟାନ ଜୋ ରୁଟ ଶତକ ନ କରନ୍ତି ତେବେ ସେ ପୋଷାକ ବିନା ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ବୁଲିବେ । ଏକ ପୋଡକାଷ୍ଟ ସମୟରେ ସେ ଏହା କହିଛନ୍ତି । ଜୋ ରୁଟ ଏପର୍ଯ୍ୟନ୍ତ ୩୯ ଟେଷ୍ଟ ଶତକ ମାରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ସେ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଗୋଟିଏ ବି ଟେଷ୍ଟ ଶତକ ମାରି ନାହାଁନ୍ତି ।

ଏଥର ମନେ ହେଉଛି ଯେ, ଜୋ ରୁଟ ନିଶ୍ଚିତ ଭାବରେ ଅଷ୍ଟ୍ରେଲିଆରେ ଶତକ ମାରିବେ । ରୁଟ୍ ଏବେ ଚମତ୍କାର ଫର୍ମରେ ଅଛନ୍ତି । ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ୨୦୨୧ ପରଠାରୁ ୬୧ ଟେଷ୍ଟରେ ୫୬ରୁ ଅଧିକ ହାରରେ ୫୭୨୦ ରନ କରିଛନ୍ତି । ଏଥିରେ ତାଙ୍କ ବ୍ୟାଟରୁ ୨୨ ଶତକ ଏବଂ ୧୭ ଅର୍ଦ୍ଧଶତକ ଆସିଛି ।

ଜୋ ରୁଟ ଅଷ୍ଟ୍ରେଲିଆରେ ୧୪ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି । ଏଥିରେ ସେ ୩୫.୬୮ ହାରରେ ୮୯୨ ରନ କରିଛନ୍ତି । ସେ ଅଷ୍ଟ୍ରେଲିଆରେ ୯ଟି ଅର୍ଦ୍ଧଶତକ ହାସଲ କରିବାରେ ସଫଳ ହୋଇଛନ୍ତି କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ଶତକ ହାସଲ କରିନାହାଁନ୍ତି । ତଥାପି, ରୁଟ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟରେ ୪ଟି ଶତକ ହାସଲ କରିଛନ୍ତି ଏବଂ ସେ ଏହି ୪ଟି ଶତକ ଅଷ୍ଟ୍ରେଲିଆରେ ହିଁ କରିଛନ୍ତି ।

ଜୋ ରୁଟ ଇଂଲଣ୍ଡ ମାଟିରେ ସର୍ବାଧିକ ୨୪ ଶତକ ହାସଲ କରିଛନ୍ତି । ତାଙ୍କର ଭାରତ ଏବଂ ନ୍ୟୁଜିଲାଣ୍ଡରେ ୩ଟି ଶତକ ଅଛି । ସେ ପାକିସ୍ତାନ ଏବଂ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଶତକ ହାସଲ କରିଛନ୍ତି । ସେ ଶ୍ରୀଲଙ୍କାରେ ୩ଟି ଶତକ ମଧ୍ୟ କରିଛନ୍ତି । ସେ ୱେଷ୍ଟଇଣ୍ଡିଜରେ ୪ଟି ଶତକ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ, ବାଂଲାଦେଶ ଏବଂ ଟଇର ହେଉଛି ଏକମାତ୍ର ସ୍ଥାନ, ଯେଉଁଠାରେ ରୁଟ ଟେଷ୍ଟ ଶତକ ହାସଲ କରିନାହାଁନ୍ତି ।

## ନିଜ କ୍ଷୀର ହସ୍ପିଟାଲକୁ ଦାନ କଲେ ଜ୍ୱାଲା ଗୁଟ୍ଟା



**ନୂଆଦିଲ୍ଲୀ ୧୨।୯:** ଭାରତର ପ୍ରସିଦ୍ଧ ବ୍ୟାଡମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା । ସେ ଏଭଳି ଏକ ପ୍ରୟାସ ଆରମ୍ଭ କରିଛନ୍ତି ଯାହା ପ୍ରକୃତରେ ପ୍ରଶଂସନୀୟ । ଜ୍ୱାଲା ଗୁଟ୍ଟା, ଯିଏ ବର୍ତ୍ତମାନ ମା ହୋଇଛନ୍ତି । ସେ ପ୍ରତିଦିନ

**ବେସାହାରା ପିଲାଙ୍କ ପାଇଁ ଉଠାଇଲେ ପଦକ୍ଷେପ**

ସରକାରୀ ହସ୍ପିଟାଲକୁ ୬୦୦ ମିଲି କ୍ଷୀର ଦାନ କରୁଛନ୍ତି । ବ୍ୟାଡମିଣ୍ଟନ କୋର୍ଟରେ ଦେଶ ପାଇଁ ଅନେକ ପଦକ ଜିତିଥିବା ଜ୍ୱାଲା ଏବେ ଛୋଟ ନୀରିହ ପିଲାଙ୍କ ଜୀବନ ବଞ୍ଚାଉଛନ୍ତି । ଯେଉଁ ନବଜାତ ଶିଶୁମାନଙ୍କର ମା ନାହାନ୍ତି, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗକୁ ଆସିଛନ୍ତି ଜ୍ୱାଲା । ରିପୋର୍ଟ ଅନୁସାରେ, ସେ ଏପର୍ଯ୍ୟନ୍ତ ୩୦ ଲିଟର ନିଜ କ୍ଷୀର ଦାନ କରିଛନ୍ତି । ଗତ ଚାରି ମାସ ଧରି, ଜ୍ୱାଲା ଗୁଟ୍ଟା ପ୍ରତିଦିନ ନୀରିହ ପିଲାମାନଙ୍କ ପାଇଁ ବହୁତ କିଛି କରୁଛନ୍ତି ।

ଜ୍ୱାଲା ଗୁଟ୍ଟା ନିକଟରେ ମା ହୋଇଛନ୍ତି । ସେ ୨୨ ଏପ୍ରିଲ ୨୦୨୧ରେ ଅଭିନେତା ବିଷ୍ଣୁ ବିନୋଦଙ୍କୁ ବିବାହ କରିଥିଲେ । ଚାରି ବର୍ଷ ପରେ ସେ ମା ହୋଇଛନ୍ତି । ଜ୍ୱାଲା ତାଙ୍କ ଶିଶୁକନ୍ୟାଙ୍କୁ କ୍ଷୀର ଦେବା ପରେ ତାଙ୍କର ସମସ୍ତ କ୍ଷୀର ଦାନ କରନ୍ତି । ଭାରତରେ ପ୍ରଥମ ଥର ପାଇଁ ଜଣେ ଖେଳାଳି ଏପରି ଏକ ପଦକ୍ଷେପ ନେଇଛନ୍ତି । ଯାହା ପ୍ରକୃତରେ ପ୍ରେରଣାଦାୟକ । ଆପଣଙ୍କୁ ଜଣାଇ ଦେଉଛୁ ଯେ ମା କ୍ଷୀର ପିଲାମାନଙ୍କ ନିହାତି ଆବଶ୍ୟକ । ମା କ୍ଷୀରରେ ପିଲାମାନଙ୍କ ବିକାଶ ପାଇଁ ସମସ୍ତ ପୋଷକ ତତ୍ତ୍ୱ ରହିଥାଏ । ଏହା ପିଲାମାନଙ୍କ ମଧ୍ୟରେ ଆଲର୍ଜି, ଆସ୍ଥମା ଏବଂ ମେଦବହୁଳତାର ଆଶଙ୍କା ହ୍ରାସ କରେ ।

ଜ୍ୱାଲା ଗୁଟ୍ଟା ତାଙ୍କ କ୍ୟାରିଅରରେ ବହୁତ କିଛି ହାସଲ କରିଛନ୍ତି । ସେ ୨୦୧୦ ଏବଂ ୨୦୧୪ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିଲେ । ମହିଳା ଡବଲ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ସେ ଅଶ୍ୱିନୀ ପୋନାପ୍ପାଙ୍କ ସହିତ ଅନେକ ମ୍ୟାଚ୍ ଜିତିଥିଲେ । ପୋନାପ୍ପାଙ୍କ ସହିତ ତାଙ୍କ ଯୋଡ଼ି ଶୀର୍ଷ ୧୦ ରାଙ୍କରେ ଥିଲା । କେବଳ ଏତିକି ନୁହେଁ, ୨୦୧୧ରେ ସେ ଇଡର ବିଶ୍ୱ ଚାମ୍ପିଅନ୍ସିପରେ କାଂସ୍ୟ ପଦକ ଜିତିଥିଲେ । ୨୦୧୪ରେ, ଜ୍ୱାଲା ଥମାସ ଏବଂ ଉବର କପରେ ମଧ୍ୟ କାଂସ୍ୟ ପଦକ ଜିତିଥିଲେ ।

**ଏସିଆ କପ୍ ମହିଳା ହକି**

## ଚୀନଠୁ ୪-୨ ଗୋଲ୍‌ରେ ହାରିଲା ଭାରତ



**ହାଙ୍ଗଝୁ, ୧୨।୯:** ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ସୁପର-୪ ପର୍ଯ୍ୟାୟରେ ଭାରତ ଆୟୋଜକ ଚୀନଠାରୁ ଶୋଚନୀୟ ଭାବେ ୧-୪ ଗୋଲ୍‌ରେ ପରାଜିତ ହୋଇଛି । ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଅପରାଜିତ ଥିବା ଭାରତ ନିଜ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୨ରେ ପରାସ୍ତ କରିଥିଲା । ତେବେ ଗୁରୁବାର ସେହି ସଫଳତା ଦୋହରାଇ ପାରି ନଥିଲା । ଚତୁର୍ଥ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିବା ଚୀନ ପୂରା ମ୍ୟାଚ୍‌କୁ ଶେଷ ପର୍ଯ୍ୟନ୍ତ ନିଜ ନିୟନ୍ତ୍ରଣରେ ରଖିଥିଲା । ଭାରତ ପକ୍ଷରୁ ଏକମାତ୍ର ଗୋଲ୍ ମୁମତାଜ୍ ଖାନ୍ ୩୮ତମ ମିନିଟ୍‌ରେ ଦେଇଥିଲେ ।

ଚୀନ ପକ୍ଷରୁ ଜୋ ମିରାଙ୍ଗ (୪ ଓ ୫୬ ମିନିଟ୍), ଚେନ୍ ୟାଙ୍ଗ (୩୧ ମିନିଟ୍), ତାନ୍ ଜିନଝୁଆଙ୍ଗ (୪୭ ମିନିଟ୍) ଦେଇଥିଲେ । ଏହି ବିଜୟ ସହ ଚୀନ ଦୁଇଟି ମ୍ୟାଚ୍‌ରୁ ଦୁଇଟି ବିଜୟ ହାସଲ କରି ଫାଇନାଲ୍‌ର ନିକଟତର ହୋଇଛି । ଭାରତ ପାଇଁ ୧୩ ତାରିଖର ଜାପାନ ବିପକ୍ଷ ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି । ଭାରତ (୩ ପଏଣ୍ଟ) ଏବେ ଚୀନ (୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି । ଗୁରୁବାରର ଅନ୍ୟଏକ ମ୍ୟାଚ୍‌ରେ ଜାପାନ-ଦକ୍ଷିଣ କୋରିଆ ପଏଣ୍ଟ ବାଣ୍ଟିଛନ୍ତି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar